## ରାଜ୍ୟସଭାରେ ଓଡ଼ିଶାର ସ୍ୱର

### ଭୁବନେଶ୍ୱର-ହାଓଡ଼ା ମଧ୍ୟରେ ହେବ ୧୦ ସ୍ୱୟଂକ୍ରିୟ ସିଗ୍ନାଲ

ନୂଆଦିଲ୍ଲୀ, ୬।୧୨(ସମିସ): ବ୍ୟସ୍ତବହୁଳ ହାଓଡ଼ା-ଚେନ୍ନାଇ ଓ ଭୁବନେଶ୍ୱର-କୋଲକାତା ରୁଟ୍‌ରେ ବଢ଼ୁଥିବା ଟ୍ରାଫିକ୍ ସମସ୍ୟା ସମାଧାନ ପାଇଁ ପ୍ରଚଳିତ ରେଳ ଲାଇନ୍‌ର ଦକ୍ଷତା ବୃଦ୍ଧି କରାଯାଉଛି। ଓଡ଼ିଶାରେ ୧୦ ଅଟୋମେଟିକ୍ ବ୍ଲକ୍ ସିଗ୍ନାଲିଂକୁ ଅନୁମୋଦନ କରାଯାଇଛି। ଏହାସହ ନିର୍ଗୁଣ୍ଡି-ବାରଙ୍ଗ ତୃତୀୟ ଲାଇନ୍, ଖୋର୍ଦ୍ଧାରୋଡ୍-ବିଜୟନଗରମ୍, ଭଦ୍ରକ-ବିଜୟନଗରମ୍ ସେକ୍ସନ୍‌ରେ ରେଳ ଲାଇନ୍‌କୁ ଅନୁମୋଦନ କରାଯାଇଛି ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି।

ଓଡ଼ିଶା ଦେଇ ଯାଇଥିବା ବ୍ୟସ୍ତବହୁଳ ହାଓଡା-ଚେନ୍ନାଇ ଏବଂ ଭୁବନେଶ୍ୱର-କୋଲକାତା ରେଳପଥରେ ବଢ଼ୁଥିବା ଟ୍ରାଫିକ୍‌କୁ ନେଇ ରାଜ୍ୟସଭାରେ ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହାସହ ରାଜ୍ୟରେ ଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରେଳସଂଖ୍ୟା ବୃଦ୍ଧି, ରେଳ ଚଳାଚଳରେ ହେଉଥିବା ବିଳମ୍ବ କମାଇବାକୁ ଗ୍ରହଣ କରାଯାଇଥିବା ଜ୍ଞାନକୌଶଳ ସମ୍ପର୍କରେ ଶ୍ରୀ ମଙ୍ଗରାଜ ପ୍ରଶ୍ନ କରିଛନ୍ତି। ଏହାର ଉତ୍ତରରେ ଶ୍ରୀ ବୈଷ୍ଣବ କହିଛନ୍ତି ଯେ ଓଡ଼ିଶା ବାଟ ଦେଇ ଓ ଓଡ଼ିଶାରେ ୧୦ଟି ବନ୍ଦେ ଭାରତ ଟ୍ରେନ୍ ଚଳାଚଳ କରୁଛି। ଓଡ଼ିଶାରେ ୨୬ଟି ରେଳ ଲାଇନର ଦୋହରୀକରଣ ଚାଲିଛି ଓ ଗୋଟିଏ ରେଳ ଲାଇନର ଗଜ୍ ପରିବର୍ତ୍ତନ ହେଉଛି। ୧୩ଟି ନୂଆ ରେଳ ଲାଇନକୁ ଅନୁମୋଦନ କରାଯାଇଛି। ରାଜ୍ୟରେ ବିଗତ ୩ ବର୍ଷ ମଧ୍ୟରେ ୫୫୯୮ କି.ମି ରେଳ ଲାଇନ୍ ପାଇଁ ୯୦ଟି ସର୍ଭେକୁ ଅନୁମୋଦନ କରାଯାଇଛି।

### ୫ ବର୍ଷରେ ରାଜ୍ୟକୁ ୩୬,୦୮୧ କୋଟି ଆବଣ୍ଟନ

ରେଳ ଭିତ୍ତିଭୂମି ବିକାଶ ପ୍ରକଳ୍ପ ପାଇଁ ପୂର୍ବତଟ ରେଳପଥ ଓ ଦକ୍ଷିଣପୂର୍ବ ରେଳପଥର ଓଡ଼ିଶା ପ୍ରକଳ୍ପ ପାଇଁ ୫ବର୍ଷ ମଧ୍ୟରେ ୩୬,୦୮୧ କୋଟି ଟଙ୍କାର ପାଣ୍ଠି ଆବଣ୍ଟନ କରାଯାଇଛି। ରାଜ୍ୟରେ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ରୂପେ ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟ କରୁଛି। ପୂର୍ବତଟ ରେଳପଥ ୨୦୨୩-୨୪ ଆର୍ଥିକବର୍ଷରେ ୨୩,୭୮୫.୬୫ କୋଟି ଟଙ୍କା ରାଜସ୍ୱ ଆଦାୟ କରିଛି ଓ ଦକ୍ଷିଣ-ପୂର୍ବ ରେଳପଥ ଏହି ବର୍ଷ ୧୮,୦୬୮.୬୫ କୋଟି ଟଙ୍କା ଆୟ କରିଛି। ସାଂସଦ ଡ. ସସ୍ମିତ ପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସଂସଦରେ ତଥ୍ୟ ପ୍ରଦାନ କରିଛନ୍ତି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ।

### ସାର ପରିବହନ ପାଇଁ ସୋଗରା ଏକ ଗୁଡ୍‌ସ୍ ସେଡ୍

ରେଳରେ ରସାୟନିକ ସାର ଉତ୍ତମ ପରିବହନ ପାଇଁ କେରେଜଙ୍ଗ ରେଳ ଷ୍ଟେସନରେ ଏକ ରେକ୍ ପଏଣ୍ଟ କାର୍ଯ୍ୟକ୍ଷମ ରହିଛି। ସେହିପରି ନୟାଗଡ଼ ଟାଉନ୍ ଷ୍ଟେସନ୍‌ରେ ଏକ ନୂତନ ରେକ୍ ପଏଣ୍ଟ କାର୍ଯ୍ୟ ଆରମ୍ଭ ହୋଇଛି। ରସାୟନିକ ସାର ଟ୍ରାଫିକ୍ ପରିଚାଳନା ପାଇଁ ଝାରସୁଗୁଡ଼ାରେ କଙ୍କର ସିଡିଙ୍ଗ୍ ବ୍ୟବସ୍ଥା କରାଯାଇଛି। ସୁନ୍ଦରଗଡ଼ ଜିଲ୍ଲାର ମାଲବାହୀ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ସୋନାଖାନ୍ ଏବଂ ରାଉରକେଲା ଗୁଡ୍‌ସ୍ ସେଡ୍ ବ୍ୟବସ୍ଥା ରହିଛି। ସେହିପରି ସୋଗରାରେ ଏକ ଗୁଡ୍‌ସ୍ ସେଡ୍‌କୁ ଅନୁମୋଦନ କରାଯାଇଛି ବୋଲି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସାଂସଦ ନିରଞ୍ଜନ ବିଶିଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି।

### 'ଅମ୍ରିତ ଭାରତ' ଯୋଜନାରେ ଓଡ଼ିଶାର ୫୯ ଷ୍ଟେସନ

ରାଜ୍ୟର ୫୯ ଷ୍ଟେସନରେ ଅମ୍ରିତ ଭାରତ ଯୋଜନା କାର୍ଯ୍ୟ କରିବାକୁ ଚିହ୍ନଟ କରାଯାଇଛି। ଏହି ଯୋଜନା ଅଧୀନରେ ଷ୍ଟେସନ୍‌ଗୁଡ଼ିକର ଦୀର୍ଘକାଳୀନ ବିକାଶ କରାଯିବ। ଏଥିରେ ଅତ୍ୟାଧୁନିକ ପ୍ରତୀକ୍ଷାଳୟ, ୱାଇଫାଇ, ବ୍ୟବସାୟିକ ବୈଠକ ପାଇଁ ସଭାଗୃହ, କିଓସ୍କ ରହିବ। ଆଦିବାସୀ ଏବଂ ଆର୍ଥିକ ଅନଗ୍ରସର ଅଞ୍ଚଳକୁ ଉତ୍ତମ ଗମନାଗମନ ବ୍ୟବସ୍ଥା କରିବାକୁ ଗୁଣୁପୁର-ଥେରୁବାଲି ସମେତ ୮ଟି ନୂତନ ରେଳ ଲାଇନ୍‌କୁ ୨୦୨୪-୨୫ ଆର୍ଥିକ ବର୍ଷରେ ଅନୁମୋଦନ ଦିଆଯାଇଛି ବୋଲି ସାଂସଦ ମୁଜିବୁଲ୍ଲା ଖାନ୍‌ଙ୍କ ପ୍ରଶ୍ନରେ ରାଜ୍ୟସଭାରେ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉତ୍ତର ରଖିଛନ୍ତି।

### କଟକ ତାରକସୀ ସମେତ ରାଜ୍ୟର ୧୦ ଶିଳ୍ପକୁ ମାନ୍ୟତା

କଟକର ପାରମ୍ପରିକ ରୁପା ତାରକସୀ କାମକୁ ଜିଆଇ ମାନ୍ୟତା ଦିଆଯାଇଛି। ୨୦୨୪ ମସିହା ନଭେମ୍ବର ସୁଦ୍ଧା ରାଜ୍ୟର ୧୦ ଶିଳ୍ପ ଏବଂ ଗୋଟିଏ ଲୋଗୋକୁ ଜିଆଇ ମାନ୍ୟତା ପ୍ରଦାନ କରାଯାଇଛି। ସାଂସଦ ଦେବାଶିଷ ସାମନ୍ତରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ତଥ୍ୟ ଦେଇଛନ୍ତି କେନ୍ଦ୍ର ହସ୍ତତନ୍ତ ରାଷ୍ଟ୍ରମନ୍ତ୍ରୀ ପି. ମାର୍ଗେରିଟା। ସେ କହିଛନ୍ତି ଯେ କେନ୍ଦ୍ର ହସ୍ତତନ୍ତ ମନ୍ତ୍ରଣାଳୟର ଉନ୍ନୟନ କମିସନରଙ୍କ କାର୍ଯ୍ୟାଳୟ ଦ୍ୱାରା ହସ୍ତଶିଳ୍ପର ବିକାଶ ପାଇଁ ୨ଟି ଯୋଜନା କରୁଛି। ଜାତୀୟ ହସ୍ତଶିଳ୍ପ ଉନ୍ନୟନ ଯୋଜନା ଅଧୀନରେ ୧୮.୨୫ କୋଟି ଟଙ୍କା ଅନୁମୋଦନ କରାଯାଇଛି। ରାଜ୍ୟର ୧୦,୭୮୦ ଶିଳ୍ପୀ ଏହାଦ୍ୱାରା ଉପକୃତ ହେଉଛନ୍ତି। ସେହିପରି ୩ବର୍ଷ ମଧ୍ୟରେ କଟକ କ୍ଷେତ୍ରୀୟ ଅଞ୍ଚଳରେ ହସ୍ତଶିଳ୍ପ ସମ୍ପର୍କିତ ୬ ବ୍ୟବସାୟଭିତ୍ତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ଏବଂ ୧୦ଟି ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

**ଜଳବାୟୁ ପରିବର୍ତ୍ତନରେ କଳବଲ ଚାଷୀ**

# ଆଳୁ ଚାଷକୁ ବାଧକ ତାପମାତ୍ରା

ଭୁବନେଶ୍ୱର, ୬।୧୨ (ସମିସ): ଚଳିତ ବର୍ଷ ଆଳୁ କେଜି ସର୍ବକାଳୀନ ରେକର୍ଡ ଭାବେ ୭୦ ଟଙ୍କା ଛୁଇଁଥିଲା। ପଶ୍ଚିମବଙ୍ଗ ରପ୍ତାନୀ କଟକଣା ହଟାଇବା ପରେ ମଧ୍ୟ ଆଳୁ କେଜି ୪୦ ଟଙ୍କା ତଳକୁ କେଉଁଠି ବି ଆଳୁ ମିଳୁନି। ସାଧାରଣ ଗରିବ ଖାଉଟି ଆଳୁ କେଜିଟିଏ ନେବା ପୂର୍ବରୁ ଦୁଇଥର ଭାବୁଛି। ତେବେ ଏ ଆଳୁ ଯନ୍ତ୍ରଣା ଆଗକୁ ମଧ୍ୟ ଜାରି ରହିବ ବୋଲି ପାଣିପାଗ ବିଜ୍ଞାନୀ ଚେତାଇ ଦେଇଛନ୍ତି। ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଆଗାମୀ ଦିନରେ ଆଳୁ ଅମଳ ପ୍ରଭାବିତ ହେବ ବୋଲି ସେମାନେ ଯୁକ୍ତି ବାଢ଼ିଛନ୍ତି। ସେମାନଙ୍କ କହିବା କଥା, ଶୀତ ଋତୁ ଆଳୁ ଚାଷ ପାଇଁ ପ୍ରକୃଷ୍ଟ ସମୟ। ଏତିକିବେଳେ ରାତି ତାପମାତ୍ରା ୨୦ ଡିଗ୍ରି ଭିତରେ ରହିଥାଏ। ଫଳରେ ଆଳୁ ଗଛ ହୃଷ୍ଟପୃଷ୍ଟ ହେବା ସହ ଭଲ ଫଳ ଫଳିଥାଏ। ହେଲେ ଚଳିତ ବର୍ଷ ରାତିର ତାପମାତ୍ରା ଅଧିକାଂଶ ସମୟରେ ୩୦ ଡିଗ୍ରି ତଳକୁ ଖସୁନି। ଫଳରେ ଉତ୍ପାଦନ ବାଧାପ୍ରାପ୍ତ ହେବା ସହ ଦାମ୍ ଉଚ୍ଚା ରହିବା ନେଇ ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି। ଏମିତି ହେଲେ, ଆଳୁ ଯନ୍ତ୍ରଣାରୁ ଆଉ ନିସ୍ତାର ନାହିଁ ବୋଲି କୁହାଯାଉଛି।

ପୂର୍ବରୁ ରାଜ୍ୟରେ ବର୍ଷକୁ ୯ହଜାର ୫ଶହ ହେକ୍ଟର ଚାଷ ଜମିରେ ଆଳୁ ଚାଷ ହେଉଥିଲା। ହେକ୍ଟର ପିଛା ୧୫୦ କୁଇଣ୍ଟାଲ୍ ହିସାବରେ ୬ହଜାର ୮୬୫ ଟନ୍ ଉତ୍ପାଦନ ହେଉଥିବା ସରକାରୀ ତଥ୍ୟ କହୁଛି। ଚଳିତ ବର୍ଷ ଏହି ପରିମାଣ ବୃଦ୍ଧି



**ପ୍ରଭାବୀ ହେବନି ନୂଆ ଅମଳ**

କରି ସରକାର ୧୪ହଜାର ୪୨୩ ହେକ୍ଟର ଜମିରେ ଚାଷ କରିବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପୂର୍ବବର୍ଷର ପରିସଂଖ୍ୟାନକୁ ହିସାବକୁ ନେଲେ ହେକ୍ଟର ପିଛା ୧୫୦ କୁଇଣ୍ଟାଲ୍ ଅମଳ ହେଲେ ଚଳିତ ବର୍ଷ ୧୦ହଜାର ୪୨୨ ଟନ୍ ଆଳୁ ଉତ୍ପାଦନ ହେବ। ରାଜ୍ୟରେ ବର୍ଷକୁ ୧୪ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଆବଶ୍ୟକତା ହେଉଥିବା ବେଳେ ଏତିକି ଉତ୍ପାଦନ ହେଲେ ୭୦ ଭାଗ ଆବଶ୍ୟକତା ପୂରଣ କରିବ ବୋଲି କୁହାଯାଉଥିଲା। ହେଲେ ତାପମାତ୍ରା ହ୍ରାସ ନ ପାଇଲେ ଅମଳ ବହୁ ପରିମାଣରେ ବାଧାପ୍ରାପ୍ତ ହେବା ନେଇ ପୂର୍ବାନୁମାନ କରାଯାଇଛି। ଏମିତିକି, ଆଳୁ ଉତ୍ପାଦିତ ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ଉତ୍ପାଦନ ବାଧାପ୍ରାପ୍ତ ହେବା ନେଇ ବିଶେଷଜ୍ଞ ଆକଳନ କରିଛନ୍ତି। ତେଣୁ ଆଳୁ ଦାମ୍ ବର୍ଷ ସାରା ଅଧିକ ରହିବ।

ବିଶିଷ୍ଟ ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଆଳୁ ଆମ ଦେଶରେ ଏକ ଶୀତଦିନିଆ ଫସଲ। ଭଲ ଅମଳ ପାଇଁ ରାତିର ତାପମାତ୍ରା ୧୫ଡିଗ୍ରି ଆବଶ୍ୟକ। ଆଳୁ ଫସଲ ସର୍ବାଧିକ ତାପମାତ୍ରା ୩୦ ଡିଗ୍ରି ସହ୍ୟ କରୁଥିବା ବେଳେ ସର୍ବନିମ୍ନ ୪ ଡିଗ୍ରି ପର୍ଯ୍ୟନ୍ତ ସହ୍ୟ କରିଥାଏ। ହେଲେ ରାତିର ତାପମାତ୍ରା ଦୀର୍ଘ ଦିନ ଧରି ୨୦ ଡିଗ୍ରିରୁ ଅଧିକ ରହିଲେ, ଆଳୁ ଗଛ ଦୁର୍ବଳ ହେବା ଫସଲ ବାଧାପ୍ରାପ୍ତ ହୋଇଥାଏ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ଆମ ରାଜ୍ୟରେ ନଭେମ୍ବର ୧୫ ପରେ ଆଳୁ ଲଗାଇବା ଆରମ୍ଭ ହୋଇଯାଇଥାଏ। ଡିସେମ୍ବର ପ୍ରଥମ ସପ୍ତାହରେ ସର୍ବାଧିକ ପରିମାଣରେ ଲଗାଯାଇଥାଏ। ଚଳିତବର୍ଷ ନଭେମ୍ବରୁ ବର୍ତ୍ତମାନ ପର୍ଯ୍ୟନ୍ତ ଅଧିକାଂଶ ସ୍ଥାନରେ ୩୦ ଡିଗ୍ରି ବା ତା'ଠାରୁ ଅଧିକ ରହୁଛି। ଫଳରେ ଚାଷ ପ୍ରଭାବିତ ହେବା ସହ ଆଳୁ ଆକାର ଛୋଟ ହୋଇଥାଏ। ତାପମାତ୍ରା ଅଧିକ ହେତୁ ଅମଳ ୩୦ ପ୍ରତିଶତ ହ୍ରାସ ହେବ ବୋଲି ଶ୍ରୀ ପଶୁପାଳକ କହିଛନ୍ତି।

## ତିନି ଦିନ ହାଲୁକା ବର୍ଷା, ବଢ଼ିବ ଶୀତ

ଭୁବନେଶ୍ୱର, ୬।୧୨(ସମିସ): ଭୁବନେଶ୍ୱର ସମେତ ରାଜ୍ୟର ଦକ୍ଷିଣ ଉପକୂଳରେ ୭ରୁ ୯ ତାରିଖ ପର୍ଯ୍ୟନ୍ତ ପାଗ ମେଘୁଆ କିମ୍ବା ଆଂଶିକ ମେଘୁଆ ରହିବ। ଦକ୍ଷିଣ-ପୂର୍ବ ଆଭ୍ୟନ୍ତରରେ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ମେଘୁଆ ପାଗ ରହିବାକୁ ଥିବା ବେଳେ ଦକ୍ଷିଣ-ପଶ୍ଚିମ ଆଭ୍ୟନ୍ତରରେ ୮ରୁ ୯ ତାରିଖ ଆଂଶିକ ଏବଂ ପଶ୍ଚିମ ଓ ଉତ୍ତର ଆଭ୍ୟନ୍ତରରେ ୯ରୁ ୧୦ ଆଂଶିକ ମଘୁଆ ହୋଇପାରେ। ଅପରପକ୍ଷେ, ଉତ୍ତର ଉପକୂଳରେ ୯ ତାରିଖକୁ ପାଗ ମେଘୁଆ ସହ ବର୍ଷା ସମ୍ଭାବନା ରହିଛି।

ବରିଷ୍ଠ ପାଣିପାଗ ବିଜ୍ଞାନୀ ଡ. ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଦକ୍ଷିଣ ଉପକୂଳରେ ୭ ଓ ୮ ତାରିଖରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ଦକ୍ଷିଣ ଆଭନ୍ତରରେ ୮ ତାରିଖରେ ହାଲୁକାରୁ ସ୍ୱଳ୍ପ ବର୍ଷା, ପଶ୍ଚିମ ଓ ଉତ୍ତର ଆଭ୍ୟନ୍ତର ଜିଲ୍ଲାଗୁଡ଼ିକରେ ୯ ତାରିଖରେ ହାଲୁକା ବର୍ଷାର ସମ୍ଭାବନା ରହିଛି। ବର୍ତ୍ତମାନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସିଷ୍ଟମ୍‌ଟି କ୍ରମଶଃ ଘନୀଭୂତ ହୋଇ ୧୨ତାରିଖରେ ଶ୍ରୀଲଙ୍କା ଉପକୂଳ ଛୁଇଁପାରେ। ଡ. ପଶୁପାଳକଙ୍କ ଆକଳନ ଅନୁଯାୟୀ ଡିସେମ୍ବରରେ ଦ୍ୱିତୀୟ ଲଘୁଚାପ କ୍ଷେତ୍ର ଦକ୍ଷିଣ-ପୂର୍ବ ବଙ୍ଗୋପସାଗର/ଦକ୍ଷିଣ ଆଣ୍ଡାମାନ ସାଗରରେ ୪୮ ଘଣ୍ଟା ମଧ୍ୟରେ ଅବପାତରେ ପରିଣତ ହୋଇପାରେ। ସେହିପରି ଦକ୍ଷିଣ ଆଭ୍ୟନ୍ତରରେ ୯ ତାରିଖରୁ ସର୍ବନିମ୍ନ ରାତି ତାପମାତ୍ରା କମିବାକୁ ଥିବା ବେଳେ ଉପକୂଳ ଓ ପଶ୍ଚିମ ଓଡ଼ିଶାରେ ୧୦ ତାରିଖରୁ ରାତି ତାପମାତ୍ରା କମିବା ନେଇ ଆଶା କରାଯାଉଛି।

## ପ୍ରଫୁଲ୍ଲ ସାମଲ ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ସଭାପତି



ଭୁବନେଶ୍ୱର, ୬।୧୨(ସମିସ): ବିଜେଡିର ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କୁ ମିଳିଛି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ଶ୍ରୀ ସାମଲଙ୍କୁ ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ସଭାପତି ଭାବେ ନିଯୁକ୍ତି ଦେଇଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ୨୦୧୭ ମସିହାରେ ଗଠନ କରାଯାଇଥିବା ବିଜୁ ଶ୍ରମିକ ସାମ୍ମୁଖ୍ୟ ଏକ ପ୍ରମୁଖ ଛାମୁଆ ସଂଗଠନ ଭାବେ ଜଣାଶୁଣା। ଦଳର ବହୁ ବରିଷ୍ଠ ଏବଂ ଅଭିଜ୍ଞ ନେତୃବୃନ୍ଦ ଏହାର କର୍ମକର୍ତ୍ତା ଦାୟିତ୍ୱ ତୁଲାଇଛନ୍ତି। ରାଜ୍ୟରେ ଥିବା ବିଭିନ୍ନ ବର୍ଗର ଶ୍ରମିକଙ୍କ କଲ୍ୟାଣ ତଥା ଉତ୍‌ଥାନ ଦିଗରେ ଏହି ସଂଗଠନର ବଡ଼ ଭୂମିକା ରହି ଆସିଛି। ଶ୍ରମିକମାନଙ୍କ ସାମାଜିକ ସୁରକ୍ଷାଠାରୁ ଆରମ୍ଭ କରି ସେମାନଙ୍କ ଜୀବନଜୀବିକା, ସୁରକ୍ଷା ଦିଗରେ ନିଆଯାଇଥିବା ସଂସ୍କାରମୂଳକ ପଦକ୍ଷେପ ସଫଳ ହୋଇଛି। ଶ୍ରୀ ସାମଲଙ୍କ ଭଳି ଜଣେ ଟାଣୁଆ ସଂଗଠନ ଏହାର ନେତୃତ୍ୱ ନେଇଥିବାରୁ ଆଗକୁ ତୃଣମୂଳ ସ୍ତରରେ ଏହା ଅଧିକ ସୁଦୃଢ଼ ହେବ ବୋଲି ଆଶା କରାଯାଉଛି।

## ବିଜୁ ଶ୍ରମିକ ସାମ୍ମୁଖ୍ୟର ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ଆଜି

ଭୁବନେଶ୍ୱର, ୬।୧୨(ସମିସ): ଆସନ୍ତାକାଲି ଭୁବନେଶ୍ୱରରେ ବିଜୁ ଶ୍ରମିକ ସାମ୍ମୁଖ୍ୟ ଓଡ଼ିଶାର ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଯୋଗଦେଇ ରାଜ୍ୟର ଦୁଇ ହଜାର ଶ୍ରମିକ ନେତାଙ୍କୁ ଶ୍ରମିକମାନଙ୍କ ଅଧିକାର ପାଇଁ ଲଢେଇ କରିବାକୁ ଗୁରୁ ମନ୍ତ୍ର ଦେବେ। ନିର୍ମାଣ ଶ୍ରମିକ, ପରିବହନ ଶ୍ରମିକ, ଅଙ୍ଗନବାଡ଼ି, ଆଶାକର୍ମୀ, ପାଚିକା ଓ ମିଶନ ଶକ୍ତିରେ ଥିବା ୬ଟି ବର୍ଗ ଏବେ ସାମାଜିକ ସୁରକ୍ଷାରୁ ବଞ୍ଚିତ ଅଛନ୍ତି। ରାଜ୍ୟ ସରକାର ଶ୍ରମିକମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଉଦ୍ୟମ କରୁନାହାଁନ୍ତି। ଏବେ ରାଜ୍ୟରେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ନିଷ୍କ୍ରିୟ ହୋଇଯାଇଛି। ଶ୍ରମିକମାରଣ ନୀତି ଆରମ୍ଭ କରିଛନ୍ତି ବିଜେପି ସରକାର। ମିଶନ ଶକ୍ତିରେ କାର୍ଯ୍ୟ କରୁଥିବା ୬୦ ହଜାର ମହିଳାଙ୍କୁ ଏବେ ଦରମା ମିଳୁନି। ଶ୍ରମଜୀବୀ ଏବେ ସଙ୍କଟରେ। ଦରଦାମ ବୃଦ୍ଧି ବି ଶ୍ରମିକଙ୍କ ଉପରେ ଆର୍ଥିକ ଚାପ ସୃଷ୍ଟି କରିଛି। ତେଣୁ ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରି ବୃଦ୍ଧି ସହ ମାସକୁ ୨୪ ହଜାର ଟଙ୍କା ପ୍ରଦାନ ପାଇଁ ସରକାରଙ୍କ ଉପରେ ଚାପ ସୃଷ୍ଟି କରାଯିବ। ଶ୍ରମିକମାନଙ୍କ ସ୍ୱାର୍ଥ, ସାମାଜିକ ସୁରକ୍ଷା ଓ ଅଧିକାରୀ ପାଇଁ ଲଢ଼େଇ ତୀବ୍ରତର ହେବ ବୋଲି ବିଜୁ ଶ୍ରମିକ ସାମ୍ମୁଖ୍ୟର ମହାସଚିବ ସୁବାସ ସିଂ କହିଛନ୍ତି।

**ଡ୍ରିମ୍‌ସରେ ମା' ଇଚ୍ଛାବତୀ ରଥଙ୍କ ଅଷ୍ଟମ ବାର୍ଷିକ ସ୍ମୃତିସଭା**

## ସନ୍ତାନକୁ ଗଢ଼ିବାରେ ପିତାମାତାଙ୍କ ତ୍ୟାଗ ଅତୁଳନୀୟ




କଟକ, ୬।୧୨ (ସମିସ): ପିତା ପରିବାରର ମୁଖ୍ୟ ହେଲେ ମା' ପରିବାରର ମେରୁ ସଦୃଶ। ସନ୍ତାନକୁ ମଣିଷ କରି ଗଢ଼ି ତୋଳିବାରେ ପିତାମାତାଙ୍କ ତ୍ୟାଗ ଅତୁଳନୀୟ। ସନ୍ତାନର ସଫଳତାରେ ପିତାମାତା କେବଳ ଖୁସି ହୁଅନ୍ତି ନାହିଁ; ଏହାଦ୍ୱାରା ସେମାନଙ୍କର ସମ୍ମାନ ମଧ୍ୟ ବଢ଼ିଥାଏ। କର୍ମଯୋଗୀ ଧନେଶ୍ୱର ରଥଙ୍କ ସହଧର୍ମିଣୀ ସ୍ୱର୍ଗତ ଇଚ୍ଛାବତୀ ରଥଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସନ୍ଥ ଶ୍ରୀମଦ୍ ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ ମହାରାଜ ଆଜି ଏହା କହିଛନ୍ତି। ସ୍ୱାମୀଜୀ କହିଥିଲେ ଯେ ମାତୃଶକ୍ତି ବିନା ଜଗତରେ କିଛି ବି ପରିବର୍ତ୍ତନ ହୋଇପାରେନା।

ସମ୍ମାନିତ ଅତିଥି ସିଦ୍ଧଗିରି ଆଶ୍ରମର ପୀଠାଧୀଶ ବାବାଜୀ ବିଶ୍ୱନାଥ ଦାସ ପୂଜ୍ୟପୂଜା ପରମ୍ପରା ଉପରେ ଆଲୋକପାତ କରିଥିଲେ। ଏହି ପରମ୍ପରା ଆମ ଉତ୍ତରପିଢ଼ିଙ୍କୁ ପ୍ରେରଣା ଦେଇଥାଏ ଓ ପୁଣ୍ୟଶକ୍ତିକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଜୀବନରେ ଧନୀ ମଣିଷ ନୁହେଁ, ଭଲ ମଣିଷ ହୋଇ ସମାଜର କଲ୍ୟାଣ ସାଧନ ଲକ୍ଷ୍ୟ ହେଉ ବୋଲି ସେ କହିଥିଲେ। ସ୍ୱର୍ଗତ ଇଚ୍ଛାବତୀଙ୍କ ପୁଅ ତଥା ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ କହିଥିଲେ ଯେ ପିତାମାତା ହେଉଛନ୍ତି ଚଳନ୍ତି ଈଶ୍ୱର ଓ ସେମାନଙ୍କ ପ୍ରତି ଭକ୍ତି, ଶ୍ରଦ୍ଧା ଓ ଯଥୋଚିତ ସମ୍ମାନ ପ୍ରଦର୍ଶନ ସନ୍ତାନର ସର୍ବୋତ୍ତମ କର୍ତ୍ତବ୍ୟ।

ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ଡ. ପ୍ରକାଶ କୁମାର ହୋତା, କୁଳସଚିବ ଡ. ଭକ୍ତଚରଣ ପ୍ରଧାନ, ମାତା ସୁଲୋଚନା ଦାସ, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ଇଂ ଲଳିତ ମୋହନ ମିଶ୍ର, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଅଖିଳ ମହାପାତ୍ର, ଡ. ରୁଦ୍ରନାରାୟଣ ମିଶ୍ର, ଶାନ୍ତନୁ କୁମାର ଶତପଥୀ, ପ୍ରଦୀପ୍ତ ଚନ୍ଦ୍ର ରଥ, ପ୍ରଶାନ୍ତ ଚନ୍ଦ୍ର ରଥ, ଚିନ୍ମୟୀ ରଥ, ଇଂ ଦୁର୍ଗାପ୍ରସାଦ ରଥ, ଇଂ ଶିବ ପ୍ରସାଦ ରଥ, କର୍ଣ୍ଣେଲ ସୁରେନ୍ଦ୍ରନାଥ ସେନ୍, ପୂର୍ଣ୍ଣଚନ୍ଦ୍ର ଶତପଥୀ, ପ୍ରମୁଖ ଉପସ୍ଥିତ ଥିଲେ। ଧନେଶ୍ୱର ଫାଉଣ୍ଡେସନ୍‌ର ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପକ ଡ. ଅଜିତ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

DSPL-238

ସତ୍ୟମେବ ଜୟତେ



ସଶସ୍ତ୍ର ସେନା ପତାକା ଦିବସ ବାର୍ତ୍ତା

ସଶସ୍ତ୍ର ବାହିନୀ ପତାକା ଦିବସ ୭ ଡିସେମ୍ବର ୨୦୨୪ ଅବସରରେ, ମୁଁ ରାଜ୍ୟର ସମସ୍ତ ସେବାରତ ତଥା ସେବାନିବୃତ୍ତ ସୈନିକ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି।

ସଶସ୍ତ୍ର ବାହିନୀ ପତାକା ଦିବସ ଆମକୁ ସଶସ୍ତ୍ର ବାହିନୀର ସେବାରତ ତଥା ସେବାନିବୃତ୍ତ ସୈନିକମାନଙ୍କୁ କୃତଜ୍ଞତା ଜଣାଇବା ପାଇଁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରେ। ଦେଶର ଆଭ୍ୟନ୍ତରୀଣ ତଥା ବାହ୍ୟ ସୁରକ୍ଷା, ଏବଂ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନଙ୍କର ଦେଶପ୍ରେମ, ବୀରତ୍ୱ, ବଳିଦାନ ଲୋକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅର୍ଜନ କରିଛି।

ଏହି ଅବସରରେ ଗର୍ବର ସହିତ ସଶସ୍ତ୍ର ବାହିନୀର ପତାକା ଧାରଣ କରି ଏବଂ ସଶସ୍ତ୍ର ବାହିନୀ ପତାକା ଦିବସ ପାଣ୍ଠିକୁ ଦାନ କରି ସମଗ୍ର ଦେଶ ସେବାରତ ତଥା ସେବାନିବୃତ୍ତ ସୈନିକ, ଯୁଦ୍ଧ ବିଧବା, ଭିନ୍ନକ୍ଷମ ସୈନିକଙ୍କ ପୁନଃଥଇଥାନ ପାଇଁ ସହାନୁଭୂତି ଏବଂ ସମର୍ଥନ ଜଣାଇଥାଏ।

ଏହି ଅବସରରେ ମୁଁ ରାଜ୍ୟର ସମସ୍ତ ନାଗରିକମାନଙ୍କୁ ନିବେଦନ କରୁଛି ଯେ, ସଶସ୍ତ୍ର ବାହିନୀ ପତାକା ଦିବସ ପାଣ୍ଠିକୁ ଉଦାର ହୃଦୟରେ ଦାନ କରନ୍ତୁ।

ଜୟ ହିନ୍ଦ !

(ରଘୁବର ଦାସ)
ରାଜ୍ୟପାଳ, ଓଡ଼ିଶା



ସଶସ୍ତ୍ର ସେନା ପତାକା ଦିବସ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ବାର୍ତ୍ତା

ଡିସେମ୍ବର ୭, ୨୦୨୪ ସଶସ୍ତ୍ର ବାହିନୀ ପତାକା ଦିବସ ଅବସରରେ ମୁଁ ରାଜ୍ୟର ସମସ୍ତ ସେବାରତ, ସେବାନିବୃତ୍ତ ସୈନିକ ଏବଂ ସେମାନଙ୍କ ପରିବାରବର୍ଗ ତଥା ସୀମାନ୍ତରେ ମୁତୟନ ଥିବା ସମସ୍ତ ସେନାନୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି।

ଆମ ଦେଶକୁ କେବଳ ବାହ୍ୟ ବିପଦରୁ ନୁହେଁ ବରଂ ଆଭ୍ୟନ୍ତରୀଣ ବିଦ୍ରୋହ, ଆତଙ୍କବାଦ ତଥା ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରଶାସନକୁ ସାହାଯ୍ୟ କରିବାରେ ସଶସ୍ତ୍ର ବାହିନୀ ନିଜ ଦକ୍ଷତାର ପରାକାଷ୍ଠା ପ୍ରଦର୍ଶନ କରିଛି। ସଶସ୍ତ୍ର ବାହିନୀର ଅନେକ ସାହସୀ ଏବଂ ନିର୍ଭୀକ ବୀରମାନେ ନିଜ କର୍ତ୍ତବ୍ୟ ସମ୍ପାଦନ ସମୟରେ ମଧ୍ୟ ସହିଦ ହୋଇଛନ୍ତି। ଏହି ଦିନଟି ଆମର ବୀର ତଥା ସାହସୀ ସୈନିକମାନଙ୍କୁ ସମ୍ମାନିତ କରିବା ଏବଂ ସଶସ୍ତ୍ର ବାହିନୀ ପ୍ରତି ଆମର ଦୃଢ଼ ସମର୍ଥନ ପ୍ରକାଶ କରିବା ପାଇଁ ଉଦ୍ଦିଷ୍ଟ।

ଏହି ଐତିହାସିକ ଦିବସ ଅବସରରେ, ମୁଁ ଓଡ଼ିଶାର ସମସ୍ତ ନାଗରିକଙ୍କୁ ଅନୁରୋଧ କରୁଛି ଯେ, ସେବାରତ, ସେବାନିବୃତ୍ତ ସୈନିକ, ଯୁଦ୍ଧ ବିଧବା ତଥା ଭିନ୍ନକ୍ଷମ ସୈନିକମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସହିତ ସେମାନଙ୍କ ପରିବାରବର୍ଗଙ୍କ କଲ୍ୟାଣ ଓ ପୁନଃଥଇଥାନ ନିମନ୍ତେ ସଶସ୍ତ୍ର ସେନା ପତାକା ଦିବସ ପାଣ୍ଠିକୁ ମୁକ୍ତ ହସ୍ତରେ ଦାନ କରନ୍ତୁ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-12088/13/0001/2425

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୪.୨୫ • ପାଉଣ୍ଡ ୧୦୮.୧୭
- ୟୁରୋ ୮୯.୭୨ • ୟେନ୍ ୦.୫୬

## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୧,୭୦୯.୦୦
- ନିଫ୍ଟି ୨୪,୬୭୭.୦୦

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା: ୭୧,୫୬୦ (ନୂଆଦିଲ୍ଲୀ)
- ରୁପା : ୯୨,୧୦୦ (କେଜି)

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

# ସୁଧ ହାର ଅପରିବର୍ତ୍ତିତ, ସିଆର୍‌ଆର୍‌ରେ ୦.୫୦% ହ୍ରାସ

**ମହଙ୍ଗା ହେବନି ରଣ, ବଢ଼ିବନି ଇଏମ୍‌ଆଇ**

**୨୩ ମାସ ହେବ ବଦଳିନି ସୁଧ**

**ରେପୋ ହାର ୬.୫୦ ପ୍ରତିଶତରେ ସ୍ଥିର**






ମୁମ୍ବଇ,୬।୧୨(ଏଜେନ୍ସି)

ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ତାଙ୍କ କାର୍ଯ୍ୟକାଳର ଶେଷ ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକରେ ସାଧାରଣ ଲୋକଙ୍କ ଆଶାକୁ ପୁଣି ଥରେ ଭାଙ୍ଗି ଦେଇଛନ୍ତି। ତିନି ଦିନ ଧରି ଚାଲିଥିବା ମୁଦ୍ରାନୀତି କମିଟି ବୈଠକରେ କେନ୍ଦ୍ରୀୟ ବ୍ୟାଙ୍କ ପୁଣି ଥରେ ଏହାର ପ୍ରମୁଖ ସୁଧହାରକୁ ଅପରିବର୍ତ୍ତିତ ରଖିଛି। ଏକାଦଶ ଥର ପାଇଁ ରେପୋ ହାରରେ କୌଣସି ପରିବର୍ତ୍ତନ ହୋଇନାହିଁ। ପୂର୍ବ ଭଳି ରେପୋ ହାର ୬.୫୦ ପ୍ରତିଶତରେ ସ୍ଥିର ରହିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ଶେଷ ଥର ପାଇଁ ୨୦୨୩ ଫେବୃୟାରୀ ମାସରେ ଏଥିରେ ପରିବର୍ତ୍ତନ କରିଥିଲା। ସେତେବେଳେ ରେପୋ ହାରରେ ୨୫ ବେସିସ୍ ପଏଣ୍ଟ ବୃଦ୍ଧି କରି ତାହାକୁ ୬.୫୦ ପ୍ରତିଶତରେ ରଖାଯାଇଥିଲା। ଏହାପରେ ବର୍ତ୍ତମାନ ସୁଦ୍ଧା ଏଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଫଳରେ ବ୍ୟାଙ୍କ ରଣ ଇଏମଆଇ ଉପରେ ଏହାର କୌଣସି ପ୍ରଭାବ ପଡ଼ିନାହିଁ। ରଣ ମହଙ୍ଗା ହୋଇନାହିଁ କି ଇଏମ୍‌ଆଇ ବଢ଼ିନାହିଁ। ଗତ ୨୩ ମାସ ହେବ ସୁଧ ହାର ବଦଳିନାହିଁ। ଅପରପକ୍ଷେ ରିଜର୍ଭ ବ୍ୟାଙ୍କ ନଗଦ ଜମ ଅନୁପାତ(ସିଆର୍‌ଆର୍)ରେ ୦.୫୦% ବା ୫-୦ ବେସିସ୍ ପଏଣ୍ଟ ହ୍ରାସ କରି ତାହାକୁ ୪%ରେ ରଖିଛି। ସିଆର୍‌ଆର୍‌ରେ ଏହି ପରିବର୍ତ୍ତନ ୨୦୨୨ ମେ’ ପରେ କରାଯାଇଛି। ରିଜର୍ଭ ବ୍ୟାଙ୍କ ସିଆର୍‌ଆର୍ ହ୍ରାସ କଲେ ବଜାରରେ ନଗଦ ପ୍ରବାହ ବୃଦ୍ଧି ପାଇଥାଏ।

ଆରବିଆଇ ଗଭର୍ଣ୍ଣରଙ୍କ କାର୍ଯ୍ୟକାଳର ଏହି ଶେଷ ଏମ୍‌ପିସି ବୈଠକରେ କମିଟିର ଅଧିକାଂଶ ସଦସ୍ୟ ରେପୋ ହାରକୁ ସ୍ଥିର ରଖିବାକୁ ସହମତି ପ୍ରକାଶ କରିଥିଲେ। କେନ୍ଦ୍ରୀୟ ବ୍ୟାଙ୍କ ୪:୨ ବହୁମତ ସହ ସୁଧହାର ଅପରିବର୍ତ୍ତିତ ରଖିଛି। ଦେଶରେ ଦରଦାମ ବୃଦ୍ଧିକୁ ଟାର୍ଗେଟ୍ କରି ବ୍ୟାଙ୍କ ରଣକୁ ବୈଠକରେ ବିଶେଷ ଗୁରୁତ୍ୱ କରାଯାଇଥିଲା। ତେଣୁ ରେପୋ ହାରରେ ହ୍ରାସ କରାଯାଇନାହିଁ। ସିଆର୍‌ଆର୍‌ରେ ହ୍ରାସ ଫଳରେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ୧.୧ ଲକ୍ଷ କୋଟିରୁ ୧.୨ ଲକ୍ଷ କୋଟି ଟଙ୍କା ଆସିଯିବ। ଏହାର ଅର୍ଥ ହେଉଛି ଯେ ବ୍ୟାଙ୍କଗୁଡିକ ନିଜ ରିଜର୍ଭରେ ରଖାଯାଇଥିବା ଅର୍ଥ ପରିମାଣର ଏହି ଅଂଶକୁ କ୍ରଣ ଭାବରେ ଖର୍ଚ୍ଚ କରିବାକୁ ପାଇବେ। ଏହା ଅର୍ଥ ବ୍ୟବସ୍ଥାକୁ ସିଧାସଳଖ ଲାଭ ଦେ।, କାରଣ ଅଧିକ ରଣ ଆବଣ୍ଟନର ଅର୍ଥ ହେଉଛି ଉପଯୋଗିତା ମଧ୍ୟ ବୃଦ୍ଧି ପାଇବ ଯାହା ଉତ୍ପାଦନକୁ ତ୍ୱରାନ୍ୱିତ କରିବ। ଏହିପରି ଭାବେ ସମଗ୍ର ଅର୍ଥନୀତିର ଚକ୍ର ଦ୍ରୁତ ଗତିରେ ଗଡ଼ିବ ଆରମ୍ଭ କରିବ।

ଆରବିଆଇ ଗଭର୍ଣ୍ଣରଙ୍କ ଅନୁଯାୟୀ, ଜୁଲାଇରୁ ସେପ୍ଟେମ୍ବର ତ୍ରୈମାସିକରେ ଜିଡିପି ବୃଦ୍ଧି ହାରର ଆକଳନ ଠାରୁ କମ୍ ରହିଛି। ଜିଡିପି (ମୋଟ ଘରୋଇ ଉତ୍ପାଦ) ୫.୪ ପ୍ରତିଶତ ରହିଛି। ଦ୍ୱିତୀୟ ତ୍ରୈମାସିକରେ ଅର୍ଥ ବ୍ୟବସ୍ଥାରେ ମାନ୍ଦା ସଙ୍କେତ ଶେଷ ହୋଇଛି। ଆରବିଆଇ ଚଳିତ ଆର୍ଥିକ ବର୍ଷରେ ଜିଡିପି ଆକଳନକୁ ୭.୨ ପ୍ରତିଶତରୁ ହ୍ରାସ କରି ୬.୬ ପ୍ରତିଶତ ରଖିଥିଲା। ଏହାଛଡ଼ା ଆରବିଆଇ ଗଭର୍ଣ୍ଣର କହିଛନ୍ତି, ଖାଦ୍ୟ ପଦାର୍ଥର ଦରଦାମ୍ ଲଗାତାର ବଢୁଥିବାରୁ ତୃତୀୟ ତ୍ରୈମାସିକରେ ମୁଦ୍ରାସ୍ଫୀତି ଅଧିକ ରହିବାର ସମ୍ଭାବନା ରହିଛି। ମାତ୍ର ରବି ଫସଲ ଉତ୍ପାଦନ ପରେ ଏଥିରେ ସାମାନ୍ୟ ଆଶ୍ୱସ୍ତି ମିଳିବ। ୨୦୨୪-୨୫ ମୁଦ୍ରାସ୍ଫୀତି ଅନୁମାନକୁ ରିଜର୍ଭ ବ୍ୟାଙ୍କ ବୃଦ୍ଧି କରି ୪.୮ ପ୍ରତିଶତକୁ ବଢ଼ାଇ ଦେଇଛି।

# ଉଚ୍ଚ ମୁଦ୍ରାସ୍ଫୀତିରୁ ଅର୍ଥନୀତିକୁ ଲାଗିପାରେ ଝଟ୍‌କା

ନୂଆଦିଲ୍ଲୀ,୬।୧୨(ଏଜେନ୍ସି)

ଅକ୍ଟୋବରର ମୁଦ୍ରାସ୍ଫୀତି ଆକଳନ ଏବଂ ଦ୍ୱିତୀୟ ତ୍ରୈମାସିକର ଜିଡିପି ମଧ୍ୟରେ ଫସିରହିଥିବା ଭାରତୀୟ ରିଜର୍ଭ ବ୍ୟାଙ୍କର ମୁଦ୍ରା ନୀତି ସର୍ବ ପ୍ରଥମେ ମୁଦ୍ରାସ୍ଫୀତି




ବିରୋଧରେ ଯୁଦ୍ଧ ଜାରି ରଖିବାକୁ ଘୋଷଣା କରିଛି। ସୁଧହାର ନିଷ୍ପତ୍ତି ଘୋଷଣା କରିବାବେଳେ ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି ଯେ ରେପୋ ହାରକୁ ଅପରିବର୍ତ୍ତିତ ରଖାଯିବ। ଅନ୍ୟପକ୍ଷରେ ମୁଦ୍ରାସ୍ଫୀତିର ଏହି ଯୁଦ୍ଧରେ ଦେଶର ଅଭିବୃଦ୍ଧିକୁ ଝଟ୍‌କା ଲାଗିପାରେ। ଆରବିଆଇର ଆକଳନ ଦ୍ୱାରା ଏହା ସୂଚିତ




**ଜିଡିପି ପୂର୍ବାନୁମାନ କମାଇଲା ଆର୍‌ବିଆଇ**

ହୋଇଛି। ଆରବିଆଇ ଚଳିତ ଆର୍ଥିକ ବର୍ଷ ପାଇଁ ଜିଡିପି ଅଭିବୃଦ୍ଧି ଆକଳନକୁ ୬.୬ ପ୍ରତିଶତକୁ ହ୍ରାସ କରିଛି। ଯାହା ପୂର୍ବରୁ ୭ ପ୍ରତିଶତ ଥିଲା। କ୍ରମାଗତ ଦ୍ୱିତୀୟଥର ପାଇଁ ଆରବିଆଇ ଏହାର ଜିଡିପି ଆକଳନରେ ହ୍ରାସ ଘଟାଇଛି। ଅକ୍ଟୋବର ବୈଠକରେ ଆରବିଆଇ ଜିଡିପି ଆକଳନକୁ ୭.୨ରୁ ୭ ପ୍ରତିଶତକୁ ହ୍ରାସ କରିଥିଲା

ସେପ୍ଟେମ୍ବର ତ୍ରୈମାସରେ ଦେଶର ଜିଡିପି ଧିମେଇବା ‘ବ୍ୟବସ୍ଥିତ’ ନ ଥିଲା ଏବଂ ଆଗାମୀ ତ୍ରୈମାସିକରେ ଅଧିକ ସାର୍ବଜନୀନ ବ୍ୟୟ ସହ ଆର୍ଥିକ ଗତିବିଧି ଏହି ହ୍ରାସକୁ ଭରଣା କରିପାରିବ ବୋଲି ଶୁକ୍ରବାର ଖୋଦ୍ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହି କଥା କହିଛନ୍ତି। ଚଳିତ ଆର୍ଥିକବର୍ଷର ଦ୍ୱିତୀୟ ତ୍ରୈମାସିକ ଜୁଲାଇ-ସେପ୍ଟେମ୍ବରରେ ଦେଶର ଜିଡିପି ହାର ୫.୪ ପ୍ରତିଶତ ଥିଲା, ଯାହା ଗତ ୭ ତ୍ରୈମାସରେ ସବୁଠୁ କମ୍। ଆର୍ଥିକ ବର୍ଷ ୨୫ର ପ୍ରଥମ ତ୍ରୈମାସିକରେ ଦେଶର ଅଭିବୃଦ୍ଧି ହାର ୬.୭ ପ୍ରତିଶତ ଥିଲା। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏକ କାର୍ଯ୍ୟକ୍ରମରେ କହିଛନ୍ତି, ‘ଏହା ଏକ ବ୍ୟବସ୍ଥିତ ମାନ୍ଦା ସ୍ଥିତି ନୁହେଁ। ଏହା ସାର୍ବଜନୀନ ବ୍ୟୟ, ପୁଞ୍ଜିଗତ ବ୍ୟୟ ଏବଂ ଏହିପରି ଅନ୍ୟ ଗତିବିଧିରେ ହ୍ରାସ ଯୋଗୁଁ ହୋଇଛି। ତୃତୀୟ ତ୍ରୈମାସ ଏହାର ଭରଣା କରିଦେବ ବୋଲି ଆଶା ରହିଛି। ସାଧାରଣ ନିର୍ବାଚନ ସମୟରେ ପୁଞ୍ଜିଗତ ବ୍ୟୟରେ ହ୍ରାସ କାରଣରୁ ପ୍ରଥମ ତ୍ରୈମାସିକରେ ଅଭିବୃଦ୍ଧି କମ୍ ରହିଥିଲା, ଯାହାର ପ୍ରଭାବ ଦ୍ୱିତୀୟ ତ୍ରୈମାସରେ ପଡ଼ିଛି। ଗତ ୬ ମାସରେ ସରକାର ଆର୍ଥିକବର୍ଷ ୨୦୨୪-୨୫ ପାଇଁ ବଜେଟରେ ଆବଣ୍ଟିତ ୧୧.୧୧ ଲକ୍ଷ କୋଟି ଟଙ୍କାର ପୁଞ୍ଜିଗତ ବ୍ୟୟ (କ୍ୟାପିଟାଲ୍ ଏକ୍ସପେଣ୍ଡିଚର) ଲକ୍ଷ୍ୟର କେବଳ ୩୭.୩ ପ୍ରତିଶତ ଖର୍ଚ୍ଚ କରିଛନ୍ତି।

ଆରବିଆଇ ଦ୍ୱାରା ଚଳିତ ଆର୍ଥିକ ବର୍ଷ ପାଇଁ ସଂଶୋଧିତ ଡିଜିପି ଆକଳନ ଜାରି କରିବା ପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଏହି ଟିପ୍ପଣୀ ଦେଇଛନ୍ତି। ଅର୍ଥମନ୍ତ୍ରୀ କହିଛନ୍ତି ଯେ ଅଭିବୃଦ୍ଧିକୁ ପ୍ରଭାବିତ କରୁଥିବା ଅନ୍ୟ କାରକଗୁଡ଼ିକ ମଧ୍ୟରେ ବୈଶ୍ୱିକ ଚାହିଦାରେ ସ୍ଥିରତା ସାମିଲ ରହିଛି, ଯାହା ରପ୍ତାନୀ ବୃଦ୍ଧିକୁ ପ୍ରଭାବିତ କରିଛି। ସେ କହିଛନ୍ତି, ଭାରତୀୟଙ୍କ କ୍ରୟ ଶକ୍ତିରେ ସୁଧାର ହେଉଛି, କିନ୍ତୁ ଭାରତରେ ପର୍ଯ୍ୟାପ୍ତ ବେତନ କଥା ମଧ୍ୟ ଚିନ୍ତା କରିବାକୁ ପଡ଼ିଥାଏ। ସେହି ସବୁ ଦିଗଗୁଡ଼ିକ ସହ ଆମେ ଅବଗତ ଅଛୁ, ଯାହା ଭାରତର ଖର୍ଚ୍ଚକୁ ପ୍ରଭାବିତ କରିପାରେ।

# ମାନ ପରୀକ୍ଷାରେ ୩୦୦୦ ଔଷଧ ନମୁନା ଫେଲ୍

ନୂଆଦିଲ୍ଲୀ,୬।୧୨(ଏଜେନ୍ସି)



**୨୮୨ ଔଷଧ ନକଲି**

୨୦୨୩-୨୪ ଆର୍ଥିକବର୍ଷ ପାଇଁ ଗୁଣାତ୍ମକ ପରୀକ୍ଷା ପାଇଁ ନିଆଯାଇଥିବା ମୋଟ ୧,୦୬,୧୫୦ ଔଷଧ ନମୁନା ମଧ୍ୟରୁ ପ୍ରାୟ ୩୦୦୦ ଔଷଧ ମାନକ ଗୁଣବତ୍ତା ପରୀକ୍ଷାରେ ବିଫଳ ହୋଇଛି। ରିପୋର୍ଟ ଅନୁଯାୟୀ, ଏହି ପରୀକ୍ଷାରେ ୨୮୨ ଟି ଔଷଧ ନକଲି ବୋଲି ଜଣାପଡିଛି।

ନକଲି ଷଧ ଉତ୍ପାଦନ, ବିକ୍ରି ଏବଂ ବିତରଣ ପାଇଁ ୬୦୪ ଟି ମାମଲା ରୁଜୁ କରାଯାଇଛି। କେନ୍ଦ୍ରୀୟ ଔଷଧ ମାନ ନିୟନ୍ତ୍ରଣ ସଂଗଠନ (ସିଡିଏସ୍‌ସିଓ)ର ତଥ୍ୟ ଅନୁଯାୟୀ ଦେଶରେ ବିଭିନ୍ନ ଡୋଜ୍ ଫର୍ମ ଏବଂ ଏପିଆଇ ଉତ୍ପାଦନ କରୁଥିବା ପ୍ରାୟ ୧୦,୫୦୦ ୟୁନିଟ୍ ରହିଛି। ନକଲି ଏବଂ ଉତ୍ତମ ମାନର ଔଷଧ ବିରୋଧରେ ସରକାର ଏକ ବଡ ଅଭିଯାନ ଚଳାଇଛନ୍ତି। ବିଭିନ୍ନ ରାଜ୍ୟରେ ଫାର୍ମାସ୍ୟୁଟିକାଲ୍ କମ୍ପାନୀଗୁଡିକ ଉପରେ ସରକାର ଚଢ଼ଉ କରୁଛନ୍ତି ଏବଂ ନିୟମ ଉଲ୍ଲଂଘନ କରୁଥିବା କମ୍ପାନୀକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଉଛି। ଏହି ମାମଲା ସହ ଜଡିତ ଜଣେ ଅଧିକାରୀ କହିଛନ୍ତି ଯେ ବର୍ତ୍ତମାନ ପର୍ଯ୍ୟନ୍ତ ୫୦୦ରୁ ଅଧିକ ଔଷଧ କମ୍ପାନୀ ପରିସରରେ ଚଢ଼ଉ କରି ଭିତ୍ତିକ ଯାଞ୍ଚ କରାଯାଇଛି। ନକଲି ଏବଂ ନିମନ ମାନର ଔଷଧ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିସିଜିଆଇଙ୍କ ପକ୍ଷରୁ ଉପରୋକ୍ତ ପଦକ୍ଷେପ ନିଆଯାଇଛି।

ଗତ ସେପ୍ଟେମ୍ବରରେ ଇଣ୍ଡିଆନ୍ ଫାର୍ମାସ୍ୟୁଟିକାଲ୍ ଆଲାଇନ୍ସ (ଆଇପିଏ) କହିଛି ଯେ ନକଲି ଉତ୍ପାଦକୁ ଆଇନଗତ ଭାବେ ସଠିକ୍ ଥିବା ଉତ୍ପାଦକଙ୍କ ସହ ଯୋଡିବା ଦ୍ୱାରା ତାହା ସେମାନଙ୍କ ସ୍ଥିତି ଏବଂ ଆର୍ଥିକ ଉପରେ ଗୁରୁତର ପ୍ରଭାବ ପକାଇଥାଏ। ସେଣ୍ଟ୍ରାଲ୍ ଡ୍ରଗ୍ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ୍ ଅର୍ଗାନାଇଜେସନ୍ର ଏକ ରିପୋର୍ଟ ମଧ୍ୟରେ ଏହି ବିବୃତ୍ତି ଦିଆଯାଇଛି। ଏହି ରିପୋର୍ଟରେ, ଷ୍ଟାଣ୍ଡାର୍ଡ କ୍ୱାଲିଟି ଅନୁଯାୟୀ ନୁହେଁ ବୋଲି ୫୦ ଅଧିକ ଉତ୍ପାଦ ଘୋଷଣା କରାଯାଇଛି। ସନ୍ ଫାର୍ମା, ଟରେଣ୍ଟ ଫାର୍ମା, ଆଲକେମ୍ ଲାବୋରେଟୋରୀ ଏବଂ ଗ୍ଲେନମାର୍କ ସମେତ ବିଭିନ୍ନ ଫାର୍ମାସ୍ୟୁଟିକାଲ୍ କମ୍ପାନୀଗୁଡିକ କେନ୍ଦ୍ରୀୟ ଡ୍ରଗ୍ ନିୟାମକ ପ୍ରାଧିକରଣ ରିପୋର୍ଟରେ ଚିହ୍ନଟ ହୋଇଥିବା ଔଷଧଗୁଡ଼ିକୁ ନକଲି ବୋଲି କହିଛନ୍ତି। ଏହି ଔଷଧଗୁଡ଼ିକ ସେମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇନାହିଁ କମ୍ପାନୀଗୁଡିକ କହିଥିଲେ।

# ଚାଷୀଙ୍କୁ ବିନା ଗ୍ୟାରେଣ୍ଟିରେ ମିଳିବ ୨ ଲକ୍ଷ ରଣ

ନୂଆଦିଲ୍ଲୀ, ୬।୧୨ (ଏଜେନ୍ସି): ଭାରତୀୟରିଜର୍ଭବ୍ୟାଙ୍କ(ଆର୍‌ବିଆଇ) ଗଭର୍ଣ୍ଣର ଶକିକାନ୍ତ ଦାସ ତାଙ୍କର ଶେଷ ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକରେ ଚାଷୀଙ୍କୁ ବଡ଼ ଭେଟି ଦେଇଛନ୍ତି। ଦରଦାମ ବୃଦ୍ଧିରୁ ଚାଷୀଙ୍କୁ ଆଶ୍ୱସ୍ତି ଦେବା ଲାଗି ବିନା ଗ୍ୟାରେଣ୍ଟିରେ ଏଣିକି ଦୁଇ ଲକ୍ଷ ଟଙ୍କା ଯାଏ ରଣ ଦିଆଯିବ ବୋଲି ଆରବିଆଇ ଘୋଷଣା କରିଛି। ବର୍ତ୍ତମାନ ଯାଏ ଏହି ସୀମା ୧.୬ ଲକ୍ଷ ଟଙ୍କା ରହିଥିଲା। ଦର ଦାମ୍‌ବୃଦ୍ଧି ଏବଂ ଚାଷରେ ବ୍ୟବହାର ହେଉଥିବା କଞ୍ଚା ମାଲର ଖର୍ଚ୍ଚ ବୃଦ୍ଧିକୁ ଦେଖି ଗ୍ୟାରେଣ୍ଟି ଫ୍ରି କୃଷି ରଣକୁ ୨ ଲକ୍ଷ ଟଙ୍କା କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତି ପରେ ଆର୍ଥିକ ସଂସ୍ଥାଗୁଡ଼ିକରୁ ରଣ ନେଉଥିବା ଚାଷୀଙ୍କ ରଣ ପରିଧି ବଢିବ। ୨୦୧୦ରେ ଆରବିଆଇ କୃଷି କ୍ଷେତ୍ରକୁ ବିନା କୌଣସି ଗ୍ୟାରେଣ୍ଟିରେ ଏକ ଲକ୍ଷ ଟଙ୍କା ଯାଏ ରଣ ଦେବାକୁ ସ୍ଥିର କରିଥିଲା। ୨୦୧୯ରେ ଏହାର ସୀମାକୁ ବଢାଇ ୧.୬ ଲକ୍ଷ ଟଙ୍କା କରାଯାଇଥିଲା। ନୂଆ ନିଷ୍ପତ୍ତି ସଂକ୍ରାନ୍ତରେ ଖୁବଶୀଘ୍ର ସର୍କୁଲାର ଜାରି କରାଯିବ ବୋଲି ଆରବିଆଇ ଗଭର୍ଣ୍ଣର କହିଛନ୍ତି।

# ବିଳାସପୂର୍ଣ୍ଣ ରହଣିର ଅନନ୍ୟ ଗନ୍ତବ୍ୟ ସ୍ଥଳ ‘ସ୍ୱସ୍ତି ପ୍ରିମିୟମ୍ ବିଚ୍ ରିସୋର୍ଟ୍ସ’

ଭୁବନେଶ୍ୱର,୬।୧୨(ସମିସ)

ରାଜ୍ୟର ବିଳାସପୂର୍ଣ୍ଣ ଆତିଥେୟତା କ୍ଷେତ୍ରରେ ଆଉ ଏକ ପାଦ ଆଗକୁ ବଢ଼ି ସ୍ୱସ୍ତି ଗ୍ରୁପ ପକ୍ଷରୁ ପୁରୀଠାରେ ଖୋଲାଯାଇଛି ‘ସ୍ୱସ୍ତି ପ୍ରିମିୟମ୍ ବିଚ୍ ରିସୋର୍ଟ୍ସ’। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚଳିତବର୍ଷ ଅଗଷ୍ଟ ୨୫ରେ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ‘ସ୍ୱସ୍ତି ପ୍ରିମିୟମ୍ ବିଚ୍ ରିସୋର୍ଟ୍ସ’ରେ ପର୍ଯ୍ୟଟକଙ୍କ ପାଇଁ ଲକ୍‌ଜ୍ୟୁରୀ ରହଣୀ ସହ ଅତୁଳନୀୟ ଅଭିଜ୍ଞତାପୂର୍ଣ୍ଣ ଆକର୍ଷଣୀୟ ଭାସ୍କର୍ଯ୍ୟ, ବିଶ୍ୱସ୍ତରୀୟ ସୁବିଧା ସୁଯୋଗ ଏବଂ ଆହୁରି ଅନେକ ବିଶେଷ ସୁବିଧା ଉପଲବ୍ଧ। ଏହି ରିସୋର୍ଟ୍ସରେ ୧୨୫ ଆକର୍ଷଣୀୟ ରୁମ୍



ଏବଂ ସୁଟ୍ସ ରହିଛି। ଏହାର ପ୍ରତ୍ୟେକ ସୁଟ୍ସ ଏବଂ କୋଠରୀଗୁଡିକ ଯେମିତି ସୁନ୍ଦର ସେମିତି ଆରାମଦାୟକ। ଷ୍ଟେଟ୍-ଅଫ୍-ଆର୍ଟ ଟେକ୍ନୋଲୋଜିରେ ନିର୍ମିତ ରିସୋର୍ଟ୍ସର ଏହି ସବୁ କୋଠରୀରୁ ଅତିଥି ପୁରୀର ଗୋଲ୍‌ଡେନ ବିଚ୍‌ର ସୌନ୍ଦର୍ଯ୍ୟ ଉପଭୋଗ କରିପାରିବେ। ‘ସ୍ୱସ୍ତି ପ୍ରିମିୟମ୍ ବିଚ୍ ରିସୋର୍ଟ୍ସ’ର ଡିଜାଇନ୍ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ନଜରରେ ରଖି କରାଯାଇଛି। ଏହାର ଇଣ୍ଟେରିୟରକୁ ଓଡ଼ିଶୀ ଏବଂ ମାହାରି ନୃତ୍ୟର ଝଲକ ଦିଆଯାଇଛି। ଏହାଛଡା ସିଲିଂରେ ଓଡ଼ିଆ ପରମ୍ପରାର ବୋଇତକୁ ରେଖାଙ୍କିତ କରାଯାଇଛି। ମୋଟାମୋଟି ଭାବେ ପରିବେଶ ପ୍ରତି ଦାୟିତ୍ୱ ଭାବେ ‘ସ୍ୱସ୍ତି ପ୍ରିମିୟମ୍ ବିଚ୍ ରିସୋର୍ଟ୍ସ’ର ନିର୍ମାଣରେ ପରିବେଶ ଅନୁକୂଳ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି। ଏଠାରେ ଶକ୍ତି ସାଶ୍ରୟକାରୀ ବ୍ୟବସ୍ଥା, ଜଳ ସଂରକ୍ଷଣଠାରୁ ସବୁଥିରେ ସ୍ଥାନୀୟ ଅଞ୍ଚଳରୁ ସଂଗୃହୀତ ଉତ୍ପାଦ ଏବଂ ଖାଦ୍ୟ ରହିଛି।

ଅତିଥିଙ୍କୁ ବିଳାଶପୂର୍ଣ୍ଣ ଅଭିଜ୍ଞତା ଦେବାବେଳେ ପରିବେଶ ପ୍ରଭାବକୁ ପରିବେଶ ପ୍ରଭାବକୁ କମ୍ କରିବାକୁ କରାଯାଇଥିବା ପ୍ରଚେଷ୍ଟା ପ୍ରତିଫଳିତ ହେଉଛି। ତେଣୁ ରାଜ୍ୟର ଆତିଥେୟତା କ୍ଷେତ୍ରରେ ପର୍ଯ୍ୟଟକଙ୍କୁ ପଞ୍ଚତାରକା ଲକ୍‌ଜ୍ୟୁରୀ ସେବା ଯୋଗାଇବାରେ ‘ସ୍ୱସ୍ତି ପ୍ରିମିୟମ୍ ବିଚ୍ ରିସୋର୍ଟ୍ସ’ ପର୍ଯ୍ୟଟକଙ୍କ ଲକ୍‌ଜ୍ୟୁରୀ ରହଣୀ କ୍ଷେତ୍ରରେ ଏକ ଅନନ୍ୟ ଗନ୍ତବ୍ୟ ସ୍ଥଳ ପାଲଟିଛି।

# ବଦଳିବ ବାଂଲାଦେଶ ମୁଦ୍ରା

**ଶେଖ୍ ମୁଜିବୁର ରହମାନ୍‌ଙ୍କ ଫଟୋ ଉଠିବ**

**ନୂଆ ଡିଜାଇନ୍ ଉପରେ କାମ ଆରମ୍ଭ**

ନୂଆଦିଲ୍ଲୀ,୬।୧୨(ଏଜେନ୍ସି)



ବାଂଲାଦେଶ ମୁଦ୍ରା ‘ବାଂଲାଦେଶ ଟାକା’ ବଦଳିବ। ଏହାକୁ ମିଳିବ ନୂଆ ରୂପ। ଦେଶର ପ୍ରତିଷ୍ଠାତା ଶେଖ୍ ମୁଜିବୁର ରହମାନଙ୍କ ଫଟୋ ହଟାଇ ବାଂଲାଦେଶ ସରକାର ଏହାର କେନ୍ଦ୍ରୀୟ ବ୍ୟାଙ୍କକୁ ନୂତନ ଡିଜାଇନ୍ ହୋଇଥିବା ନୋଟ୍ ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ବାଂଲାଦେଶ ସରକାର ନିଷ୍ପତ୍ତି ନେଇଛନ୍ତି ଯେ ନୂଆ ନୋଟରେ ଶେଖ ମୁଜିବୁର ରହମାନଙ୍କ ଫଟୋ ରହିବନାହିଁ। ଜୁଲାଇରେ ହୋଇଥିବା ବିଦ୍ରୋହରୁ ଅନୁପ୍ରାଣିତ ଏହି ନୂତନ ନୋଟରେ ଡିଜାଇନ୍ ରହିବ ଯାହାକି ଶେଖ ହସିନାଙ୍କ ନେତୃତ୍ୱାଧୀନ ଆୱାମୀ ଲିଗ୍ ସରକାରଙ୍କୁ ବହିଷ୍କାର କରିଥିଲା।

ନୋବେଲ ବିଜେତା ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ବାଂଲାଦେଶର ପରିଚୟକୁ ପୁନଃ ରୂପ ଦେବା ପାଇଁ ମଧ୍ୟବର୍ତ୍ତୀକାଳୀନ ପ୍ରଶାସନର ପ୍ରୟାସର ଏକ ଅଂଶ ଭାବରେ ଏହି ନିଷ୍ପତ୍ତି ନିଆଯାଇଛି। ବାଂଲାଦେଶ ବ୍ୟାଙ୍କ ନିଶ୍ଚିତ କରିଛି ଯେ ଏହା ୨୦, ୧୦୦, ୫୦୦ ଏବଂ ୧୦୦୦ ଟାକାର ନୂଆ ନୋଟ୍ ଛାପିବ। ଏହି ନୋଟଗୁଡିକରେ ଶେଖ୍ ମୁଜିବୁର ରହମାନଙ୍କ ଚିତ୍ର ଜୁଲାଇର ବିଦ୍ରୋହ, ବେଙ୍ଗଲୀ ପରମ୍ପରା, ଧାର୍ମିକ ସଂରଚନା ଏବଂ ବିରୋଧ ସହ ଜଡିତ ପ୍ରତୀକ ଦ୍ୱାରା ସ୍ଥାନିତ ହେବ। ଏହା ବ୍ୟତୀତ ଅର୍ଥ ମନ୍ତ୍ରଣାଳୟ ସମସ୍ତ ମୁଦ୍ରା ନୋଟଗୁଡିକର ପୁନଃ ପ୍ରସ୍ତୁତି ଯୋଜନାକୁ ନିଶ୍ଚିତ କରିଛି। ୨୦,୧୦୦,୫୦୦ ଏବଂ ୧୦୦୦ ଟାକା ନୋଟ୍ ପ୍ରଥମ ପର୍ଯ୍ୟାୟରେ ଅପଡେଟ୍ ହେବ ଏବଂ ଅନ୍ୟ ନୋଟ୍ ଗୁଡିକୁ ମଧ୍ୟ ପର୍ଯ୍ୟାୟକ୍ରମେ ଅପଡେଟ୍ କରାଯିବ। ଶେଖ ମୁଜିବୁର ରହମାନଙ୍କୁ ସମାଲୋଚନା କରିବା ଏବଂ ତାଙ୍କ ପରମ୍ପରାକୁ ବିରୋଧ କରିବା ପରେ ଏହି ପଦକ୍ଷେପ ନିଆଯାଇଛି। ବିକ୍ଷୋଭ ସମୟରେ ରହମାନଙ୍କ ପ୍ରତିମୂର୍ତ୍ତି ଏବଂ ଗ୍ରାଫିଟିକୁ ଟାର୍ଗେଟ କରାଯାଇଥିଲା। ‘ବଙ୍ଗଳାବନ୍ଧୁ’ ନାମରେ ମଧ୍ୟ ଜଣାଶୁଣା ରହମାନ ବାଂଲାଦେଶର ପ୍ରଥମ ରାଷ୍ଟ୍ରପତି ଥିଲେ ଏବଂ ଜାତିର ପିତା ଭାବରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ଶେଖ ମୁଜିବୁର ରହମାନ ହେଉଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ପିତା। ବାଂଲାଦେଶରେ ଚାକିରି କୋଟାକୁ ନେଇ ଶେଖ ହସିନାଙ୍କ ବିରୋଧରେ ପ୍ରଦର୍ଶନ କରାଯାଇଥିଲା। ଏହା ପରେ ତାଙ୍କୁ ଦେଶ ଛାଡି ପଳାଇବାକୁ ପଡିଲା। ସେବେଠାରୁ ଶେଖ ମୁଜିବୁର ରହମାନଙ୍କ ପ୍ରତିମୂର୍ତ୍ତି ଏବଂ ଫଟୋ ଏବଂ ତାଙ୍କ ଉତ୍ତରାଧିକାରୀଙ୍କ ଉପରେ ଆକ୍ରମଣ କରାଯାଉଛି।

# ଅକ୍ଟୋବରରେ ଆର୍‌ବିଆଇ କିଣିଛି ୨୭ ଟନ ସୁନା

ମୁମ୍ବଇ,୬।୧୨(ଏଜେନ୍ସି): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପୁଣିଥରେ ବଡ଼ ଆକାରରେ ସୁନା କିଣିଛି। ବିଶ୍ୱ ସୁନା ପରିଷଦ (ଡବ୍ଲ୍ୟୁଜିସି) ଗୁରୁବାର କହିଛି ଯେ ଗତ ଅକ୍ଟୋବରରେ ସାରା ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କମାନେ ୬୦ ଟନ୍ ସୁନା କିଣିଛନ୍ତି। ହେଲେ ଏଥିରୁ ଭାରତୀୟ ରିଜର୍ଭ ବ୍ୟାଙ୍କ ସର୍ବାଧିକ ୨୭ ଟନ୍ ସୁନା କିଣିଛି। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍)ର ମାସିକ ରିପୋର୍ଟ ଉପରେ ଆଧାରିତ ଡବ୍ଲ୍ୟୁଜିସିର ଏହି ତଥ୍ୟରେ ଭାରତ ଅକ୍ଟୋବରରେ ନିଜ ସ୍ୱର୍ଣ୍ଣ ଭଣ୍ଡାରରେ ଅଧିକ ୨୭ ଟନ ସୁନା ଯୋଡିଛି। ଫଳରେ ଜାନୁୟାରୀରୁ ଅକ୍ଟୋବର ମଧ୍ୟରେ ଆରବିଆଇର ମୋଟ ସୁନା କିଣା ୭୭ ଟନକୁ ପହଞ୍ଚିଛି। ଡବ୍ଲ୍ୟୁଜିସି କହିଛି ଯେ, ଆରବିଆଇର ଏହି ସୁନା କିଣା ଗତବର୍ଷର ଏହି ସମୟର ସୁନା କିଣାଠାରୁ ୫ ଗୁଣା ବୃଦ୍ଧି ଦର୍ଶାଉଛି। ତଥ୍ୟରୁ ଜଣାପଡିଛି ଯେ ଏହି କ୍ରୟ ସହିତ ଭାରତର ମୋଟ ସ୍ୱର୍ଣ୍ଣ ଭଣ୍ଡାର ଏବେ ୮୮୨ ଟନ୍‌ରେ ପହଞ୍ଚିଛି, ଯେଉଁଥିରୁ ୫୧୦ ଟନ ଭାରତରେ ମହଜୁଦ ଅଛି। ଡବ୍ଲୁଜିସି କହିଛନ୍ତି ଯେ ଅଭିବୃଦ୍ଧି ହାସଲ କରୁଥିବା ବଜାରରେ ଭାରତୀୟ କେନ୍ଦ୍ରୀୟ ବ୍ୟାଙ୍କ ସ୍ୱର୍ଣ୍ଣ କିଣାରେ ନିଜର ଦବ୍‌ଦବା କାଏମ୍ ରଖିଛି। ତୁର୍କୀ ଓ ପୋଲାଣ୍ଡ ଜାନୁୟାରୀ-ଅକ୍ଟୋବର ୨୦୨୪ କାଳରେ ନିଜ ନିଜ ସ୍ୱର୍ଣ୍ଣ ଭଣ୍ଡାରକୁ ଯଥାକ୍ରମେ ୭୨ଟନ ଓ ୬୯ ଟନ ବୃଦ୍ଧି କରିଛନ୍ତି। ଏଥିରେ କୁହାଯାଇଛି ଏହି ୩ ଦେଶଙ୍କ କେନ୍ଦ୍ରୀୟ ବ୍ୟାଙ୍କ ଚଳିତ ବର୍ଷ ମୋଟ ବୈଶ୍ୱିକ କ୍ରୟର ୬୦ ପ୍ରତିଶତ ସୁନା ଏକାକୀ କିଣିଛନ୍ତି। ଭାରତ ଅତୀତରେ ବ୍ୟାଙ୍କ ଅଫ ଲଣ୍ଡନ ଟ୍ରେଜରୀରେ ମହଜୁଦ ଥିବା ନିଜ ସୁନା ଦେଶକୁ ଫେରାଇ ଆଣିଥିଲା। ଭାରତର ସୁନା ଏବେବି ବିଦେଶରେ ରଖିଛି।

### କନ୍‌ଷ୍ଟେବଲଙ୍କୁ ଅଣ୍ଟୁନି ପୋଷାକ ପାଇଁ ମିଳୁଥିବା ଅର୍ଥ

# ଡ୍ୟୁଟିବେଳେ ଛିଡ଼ିଯାଉଛି ଜୋତା

ଭୁବନେଶ୍ୱର, ୬ ।୧୨(ସମିସ): ରକ୍ତକୁ ପାଣି କରି ଗ୍ରାଉଣ୍ଡ ଜିରୋରେ କାମ କରୁଛନ୍ତି ପୁଲିସ କନ୍‌ଷ୍ଟେବଲମାନେ। ସେମାନେ ସିଧାସଳଖ ଲୋକଙ୍କ ସହ ଜଡ଼ିତ ହୋଇ କାମ ରହୁଛନ୍ତି। କିନ୍ତୁ ତାଙ୍କୁ ସବୁଠି ଉପେକ୍ଷା କରାଯାଉଛି। ତାଙ୍କ ପାଇଁ ଯେଉଁସବୁ ସୁବିଧା ମିଳିବା କଥା, ମିଳୁନାହିଁ। ହତ୍ୟା ଠାରୁ ଆରମ୍ଭ କରି ଚୋରି ପର୍ଯ୍ୟନ୍ତ ମାମଲାରେ ଆଗ କନ୍‌ଷ୍ଟେବଲକୁ ଘଟଣାସ୍ଥଳକୁ ପଠାଯାଉଛି।

■ ନିଜ ଖର୍ଚ୍ଚରୁ ସିଲେଇ କରୁଛନ୍ତି ପୋଷାକ
■ ଜୋତା, କ୍ୟାପ୍ ଏବଂ ଗ୍ଲୋଭ୍‌ସ ପାଇଁ ଟଙ୍କା ମିଳୁନି

କନ୍‌ଷ୍ଟେବଲ ଯାଇ ସେଠାରେ ସ୍ଥିତି ଦେଖିବା ପରେ ଏସ୍ଆଇ କିମ୍ବା ଆଇଆଇସି ଯାଉଛନ୍ତି। ଏପରିକି ଶବ ବ୍ୟବଚ୍ଛେଦ ପାଇଁ ମଧ୍ୟ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଉଛି। ଭୋକରେ ରହି ଶବ ଗୃହଆଗରେ ଜଗି ରହୁଛନ୍ତି। ଅନେକ କନ୍‌ଷ୍ଟେବଲ ମଧ୍ୟ ଖରାରେ ଟ୍ରାଫିକ୍ ପରିଚାଳନା ମଧ୍ୟ କରୁଛନ୍ତି। ଥାନାରେ କୌଣସି କାମ ପଡ଼ିଲେ ଆଗେ କନଷ୍ଟେବଲଙ୍କୁ ଖୋଜାଯାଉଛି। ଥାନା ଅଧିକାରୀଙ୍କ ସମେତ ଥାନାର ଅନ୍ୟ ଅଫିସ୍‌ର ମଧ୍ୟ ସେମାନଙ୍କୁ ନିଜର ବ୍ୟକ୍ତିଗତ କାର୍ଯ୍ୟ କରାଉଛନ୍ତି। କିନ୍ତୁ କନ୍‌ଷ୍ଟେବଲଙ୍କୁ ପିନ୍ଧିବାକୁ ପୁଲିସ ବର୍ଦ୍ଦି ପାଇଁ ଅର୍ଥ ଅଣ୍ଟୁନି। ଏଥିଲାଗି ତାଙ୍କୁ ଯେତିକି ଟଙ୍କା ଦିଆଯାଉଛି, ସେଥିରେ ପୁଲିସ ପୋଷାକ କରିବା କଷ୍ଟକର ବ୍ୟାପାର। କନ୍‌ଷ୍ଟେବଲଙ୍କୁ ବର୍ଷକୁ ୫ହଜାର ଟଙ୍କା ଦିଆଯାଉଛି। ତାହା ମଧ୍ୟ ସଠିକ୍ ସମୟରେ ଦିଆଯାଉ ନାହିଁ। ଥରେ ଦୁଇ ହଜାର ଦେଲେ ପୁଣି ମନେପଡ଼ିଲେ ଆଉ ୩ ହଜାର ଦିଆଯାଉଛି। ଜଣେ କନ୍‌ଷ୍ଟେବଲ ନାମ ଗୋପନ ରଖି କହିଛନ୍ତି ଯେ, ବର୍ଷକୁ ୫ହଜାର ଟଙ୍କା ଦିଆଯାଉଛି। ଏହି ଟଙ୍କାରେ କପଡ଼ା କିଣି ଦରଜିକୁ ଦେଲେ ସେ ହଳେ ପୋଷାକ ପାଇଁ ୧୫ଶହ ଟଙ୍କା ନେଉଛି। ମାତ୍ର ହଳେ ବର୍ଦ୍ଦି ପାଇଁ ୪ହଜାରରୁ ଅଧିକ ଖର୍ଚ୍ଚ ହେଉଛି। ଜଣେ କନ୍‌ଷ୍ଟେବଲ ଗୋଟିଏ ବର୍ଦ୍ଦି ସୁବୁବେଳେ ପିନ୍ଧିଲେ ଦୁର୍ଗନ୍ଧ ବାହାରିବା ସହ ଚର୍ମ ରୋଗ ହେବାର ସମ୍ଭାବନା ରହିଛି। ଜଣେ ପୁଲିସ ନିହାତି ୩ରୁ ୪ହଳ ପୁଲିସ ବର୍ଦ୍ଦି କରୁଛନ୍ତି। କିନ୍ତୁ ଅର୍ଥ ମିଳୁନଥିବାରୁ ସେମାନେ ନିଜ ହାତରୁ କିଣି ପିନ୍ଧୁଛନ୍ତି। କେବଳ ପୋଷାକ ନୁହେଁ ଜୋତା, ଗ୍ଲୋଭସ୍, ମାସ୍କ, କ୍ୟାପ୍ ଆଦି କିଣୁଛନ୍ତି। ପୂର୍ବରୁ ରିଜର୍ଭରୁ ସେମାନଙ୍କୁ ବର୍ଷକୁ ଦୁଇହଳ ପୋଷାକ, ଜୋତା, ମଶାରୀ, କ୍ୟାପ୍, ଗ୍ଲୋଭସ୍ ଆଦି ଅନେକ ସାମଗ୍ରୀ ଦିଆଯାଉଥିଲା। କିନ୍ତୁ ବର୍ତ୍ତମାନ ତାହା ଦିଆଯାଉନଥିବାରୁ ତାହାକୁ ନେଇ ମଧ୍ୟ ଅସନ୍ତୋଷ ଦେଖିବାକୁ ମିଳୁଛି। କେବଳ ପୁଲିସ ପୋଷାକ ପାଇଁ ଟଙ୍କା ନୁହେଁ ଘର ଭଡ଼ା ବାବଦ ଅର୍ଥ ମଧ୍ୟ କନ୍‌ଷ୍ଟେବଲଙ୍କୁ ଦିଆଯାଉନି। ଏନେଇ ମଧ୍ୟ ଖୁବ୍ ଶୀଘ୍ର କନ୍‌ଷ୍ଟେବଲ ସଂଘ ସରକାରୀଙ୍କୁ ଭେଟି ଦାବି ଜଣାଇବେ ବୋଲି ସୂଚନା ମିଳିଛି।



**କନ୍‌ଷ୍ଟେବଲଙ୍କ ଠାରୁ କମ୍ ଟଙ୍କା ପାଉଛନ୍ତି ଇନ୍ସପେକ୍ଟର:**

ଏହାଠୁ ବଡ଼ ଆଶ୍ଚର୍ଯ୍ୟ କଥା ହେଉଛି ପୋଷାକ ବାବଦକୁ ମିଳୁଥିବା ଅର୍ଥ କନ୍‌ଷ୍ଟେବଲ ଠାରୁ ଇନ୍ସପେକ୍ଟରଙ୍କ କମ୍। କନ୍‌ଷ୍ଟେବଲ ପୋଷାକ ବାବଦକୁ ୫ ହଜାର ଟଙ୍କା ପାଉଥିବା ବେଳେ ଇନ୍ସପେକ୍ଟର, ଏଏସ୍ଆଇ ଆଦି ୪ହଜାର ଟଙ୍କା ପାଉଛନ୍ତି। ସେମାନେ ମଧ୍ୟ ଏଭଳି ଅଜବ ନିୟମର ଶିକାର ହେଉଛନ୍ତି। ସରକାରୀ ଚାକିରି କରିଥିବାରୁ ସେମାନେ ନିଜ ହାତରୁ ଅର୍ଥ ଦେଇ କିଣି ଦେଉଛନ୍ତି। ଆହୁରି ମଧ୍ୟ କନ୍‌ଷ୍ଟେବଲ ଏବଂ ଅନ୍ୟ ପୁଲିସମାନେ ଟଙ୍କା ଅଭାବରୁ କମ୍ ଦାମର ଜୋତା ଏବଂ ଅନ୍ୟାନ୍ୟ ସାମଗ୍ରୀ କିଣୁଛନ୍ତି। ଯାହାଫଳରେ ଅପରାଧୀ ଧରିବା ଏବଂ ଲ ଆଣ୍ଡ ଅର୍ଡର ସମୟରେ ଜୋତା ଛିଡ଼ିଯାଉଛି। ଯାହାଫଳରେ ପୁଲିସ ଦୌଡ଼ି ନପାରି ସାଧାରଣ ଲୋକଙ୍କ ରୋଷର ଶିକାର ହେଉଛି। ଅନେକ ସମୟରେ ମଧ୍ୟ ଏକାଧିକ କନଷ୍ଟେବଲ ଜୋତା ନକିଣି ସାଧାରଣ ଲୋକଙ୍କ ପରି ଜୋତା ପିନ୍ଧି ଆସୁଛନ୍ତି। ସେ ଏହି ଜୋତା ସେମାନଙ୍କ ବର୍ଦ୍ଦିକୁ ମାନୁଛି, ନା ବିପଦରୁ ସୁରକ୍ଷା ଦେଉଛି। ଆହୁରି ମଧ୍ୟ ସେମାନେ କମ୍ ଦାମ କପଡ଼ା କିଣୁଥିବାରୁ ନିଆଁ, ଖରା ଏବଂ ଶୀତକୁ ନିୟନ୍ତ୍ରଣ କରିପାରୁନି। ତେଣୁ ପୁଲିସ ପୋଷାକ ଅର୍ଥ ବଢ଼ାଇବାକୁ ଦାବି ହେଉଛି।

### ସେକ୍ସ ରାକେଟ ଠାବ ଘଟଣା

## ବନ୍ଧାହେଲା ରାଣୀ ମହୁମାଛିର ଜ୍ୱାଇଁ



ଭୁବନେଶ୍ୱର, ୬।୧୨(ସମିସ): କସ୍‌ମୋପଲିସ୍ ଆପାର୍ଟମେଣ୍ଟ ନିକଟସ୍ଥ ଭକ୍ତମଧୁ ସମବାୟ ନଗରରୁ ସେକ୍ସ ରାକେଟ ଠାବ ଘଟଣାରେ ଆଉ ପାଦେ ଆଗେଇଛି ଖଣ୍ଡଗିରି ଥାନା ପୁଲିସ। ଘଟଣାରେ ସମ୍ପୃକ୍ତ ରାଣୀ ମହୁମାଛି ଡଲିର ଜ୍ୱାଇଁ ତଥା ଫତେଗଡ଼ ଥାନା ଜଗନ୍ନାଥ ପ୍ରସାଦର ସୀତାକାନ୍ତ ପ୍ରଧାନଙ୍କୁ ପୁଲିସ ଗିରଫ କରିଛି।

**ସ୍ତ୍ରୀ ଆଶାକର୍ମୀ; ସ୍ୱାମୀ ଯୋଗାଉଥିଲା କଣ୍ଡୋମ୍**

ସୂଚନା ଅନୁସାରେ, ଭକ୍ତମଧୁ ସମବାୟ ନଗରରେ ଏକ ଘରେ ଦେହ ବ୍ୟବସାୟ ଚାଲିଥିବା ବେଳେ ଖଣ୍ଡଗିରି ଥାନା ପୁଲିସ ଖବର ପାଇଥିଲା। ଥାନାର ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଚଢ଼ଉ କରି ଜଣେ ନାବାଳିକାଙ୍କ ସମେତ ୪ ଯୁବତୀଙ୍କୁ ଉଦ୍ଧାର କରିଥିଲା। ହେଲେ ମାଷ୍ଟରମାଇଣ୍ଡ ମାଆ-ପୁଅ ଫେରାର ହୋଇଯାଇଥିଲେ। ଘର ଭିତରୁ ୩ ହଜାର ଅବ୍ୟବହୃତ କଣ୍ଡୋମ୍, ରେଜିଷ୍ଟର ଓ କାଗଜପତ୍ର ଜବତ କରିଥିଲା ପୁଲିସ। ସୀତାକାନ୍ତ ହିଁ କଣ୍ଡୋମ୍ ଯୋଗାଉଥିବା ଅଧିକ ତଦନ୍ତ ବେଳେ ଜଣାପଡ଼ିଥିଲା। ରାକେଟକୁ ସେ କଣ୍ଡୋମ୍ ଯୋଗାଉଥିବାରୁ ତାକୁ ଗିରଫ କରାଯାଇଥିବା ପୁଲିସ କହିଛି। ସେ ଗିରଫ ହେବା ପରେ ରୋଚକ କଥା ସାମ୍ନାକୁ ଆସିଛି। ସୀତାକାନ୍ତର ପତ୍ନୀ ଆଶା କର୍ମୀ ବୋଲି ପୁଲିସ ଜାଣିବାକୁ ପାଇଛି। ସରକାରଙ୍କ ପକ୍ଷରୁ ମିଳୁଥିବା ମାଗଣା 'ନିରୋଧ' କଣ୍ଡୋମକୁ ପତ୍ନୀ ଘରକୁ ଆଣୁଥିଲେ। ହେଲେ ଲୋକଙ୍କୁ ବାଣ୍ଟିବା ବଦଳରେ ସୀତାକାନ୍ତ ତାକୁ ସେକ୍ସ ରାକେଟକୁ ଯୋଗାଣ କରୁଥିଲେ। ସେପଟେ ସେକ୍ସ ରାକେଟର ରାଣୀ ମହୁମାଛି ଡଲି ଓ ତାର ପୁଅ ମିଲୁ ଘଟଣା ପରଠାରୁ ଫେରାର ଥିବାବେଳେ ପୁଲିସ ସେମାନଙ୍କ ପାଖରେ ପହଞ୍ଚି ପାରିନାହିଁ।

### ସ୍ୱୟଂ ସହାୟିକା ଗୋଷ୍ଠୀକୁ ୧୨ ଲକ୍ଷର ଚୂନ

## ୯ ମାସ ପରେ ଧରାପଡ଼ିଲେ ଧୂର୍ତ୍ତ ମହିଳା



ଭୁବନେଶ୍ୱର, ୬।୧୨ (ସମିସ): ସ୍ୱୟଂ ସହାୟିକା ଗୋଷ୍ଠୀରୁ ୧୨ ଲକ୍ଷ ଟଙ୍କା ଠକି ନେଇଥିବା ମହିଳାଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ମହିଳା ହେଲେ ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ଗଡ଼ନିଆଳର ସୂର୍ଯ୍ୟକାନ୍ତି ମହାନ୍ତି (୪୨)। ପୁଲିସ ସୂଚନା ଅନୁସାରେ, କଳିଙ୍ଗ ବିହାର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟମାନଙ୍କ ଠାରୁ ସୂର୍ଯ୍ୟକାନ୍ତି ୧୨ ଲକ୍ଷ ଟଙ୍କା ଋଣ ନେଇଥିଲେ। ଲାଭଜନକ ସୁଧ ସହିତ ଟଙ୍କା ଫେରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ସମସ୍ତ ଟଙ୍କା ନେବା ପରେ ସୂର୍ଯ୍ୟକାନ୍ତି ସ୍ଥାନୀୟ ଅଞ୍ଚଳରେ ରହୁଥିବା ଭଡ଼ା ଘର ଛାଡ଼ି ଦେଇଥିଲେ ଓ ନିଜର ମୋବାଇଲ ଫୋନ ବନ୍ଦ କରିଦେଇଥିଲେ। ପ୍ରାୟ ୯ ମାସର ଲୁଚକାଳି ଖେଳ ପରେ ଗତକାଲି ସନ୍ଧ୍ୟାରେ ଗୋଷ୍ଠୀର ସଦସ୍ୟା ସୂର୍ଯ୍ୟକାନ୍ତିଙ୍କୁ ଜଟଣୀ ଅଞ୍ଚଳରୁ କାବୁ କରିଥିଲେ। ସେଠାରେ ସୂର୍ଯ୍ୟକାନ୍ତି ଗୋଷ୍ଠୀ ସଦସ୍ୟଙ୍କୁ ଦେଖି ରାଗି ଯାଇଥିଲେ। ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନ ପ୍ରତି ବିପଦ ସୃଷ୍ଟି କରିବାକୁ ଧମକ ଦେଇଥିଲେ। ଏ ନେଇ ଗୋଷ୍ଠୀର ସଦସ୍ୟାମାନେ ସୂର୍ଯ୍ୟକାନ୍ତିଙ୍କୁ ଜଟଣୀ ପୁଲିସ ସହାୟତାରେ ତମଣ୍ଡୋ ଥାନାକୁ ଆଣି ଜିମା ଦେଇଥିଲେ। ଗୋଷ୍ଠୀ ସଦସ୍ୟାଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିବା ସହିତ ସୂର୍ଯ୍ୟକାନ୍ତିଙ୍କୁ କୋର୍ଟ ଚାଲାଣ କରିଛି।

## ଗାଡ଼ି ଧକ୍କାରେ ଯୁବକ ମୃତ

ଭୁବନେଶ୍ୱର, ୬।୧୨(ସମିସ): ରାଜଧାନୀର ଏଜି ଛକରେ ବିଳମ୍ବିତ ରାତିରେ ଘଟିଛି ଦୁର୍ଘଟଣା। ଅଜଣା ଗାଡ଼ି ଧକ୍କା ଦେବାରୁ ଜଣେ ଯୁବକ ପ୍ରାଣ ହରାଇଛନ୍ତି। ମୃତକ ହେଲେ ଝରଣା ସାହିର ସନ୍ତୋଷ କୁମାର ଜେନା (୨୩)। ମିଳିଥିବା ସୂଚନା ଅନୁସାରେ, ସନ୍ତୋଷ ଗତକାଲି ବିଳମ୍ବିତ ରାତିରେ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଏଜି ଛକରୁ ରାଜମହଲ ଆଡ଼କୁ ଯାଉଥିବା ସମୟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇ ପଡ଼ିଥିଲେ। ଖବରପାଇ କ୍ୟାପିଟାଲ ଥାନା ପୁଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ କ୍ୟାପିଟାଲ ହସ୍‌ପିଟାଲକୁ ପଠାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ କ୍ରମେ କ୍ୟାପିଟାଲ ଥାନା ପୁଲିସ ଏକ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଚିହ୍ନଟ କରିବା ପାଇଁ ସିସିଟିଭି ଫୁଟେଜ ଯାଞ୍ଚ କରୁଛି।

### ସ୍କୁଲରେ ଛାତ୍ରଙ୍କୁ ଯୌନ ଶୋଷଣ ଘଟଣା

## ରିପୋର୍ଟ ମାଗିଲେ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ

ଭୁବନେଶ୍ୱର, ୬।୧୨(ସମିସ): କୋଳଥିଆସ୍ଥିତ ଆବାସିକ ବିଦ୍ୟାଳୟରେ ଛାତ୍ରଙ୍କୁ ଯୌନ ଶୋଷଣ ଘଟଣାରେ ହସ୍ତକ୍ଷେପ କରିଛନ୍ତି ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ। ଆୟୋଗର ଅଧ୍ୟକ୍ଷା ମନ୍ଦାକିନୀ କର ନିଜ ଆଡୁ ମାମଲା ରୁଜୁ କରିଛନ୍ତି। ଏଥିସହିତ ଦୁଇ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଓ ଖଣ୍ଡଗିରି ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, କୋଳଥିଆସ୍ଥିତ ଏକ ଆବାସିକ ବିଦ୍ୟାଳୟରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଛାତ୍ରମାନେ ପାଠ ପଢ଼ିବା ସହିତ ରହିଥାନ୍ତି। ଉକ୍ତ ସ୍କୁଲର ଶିକ୍ଷକ ଅନିଲ କିଛି ମାସ ହେବ ଜଣେ ଷଷ୍ଠ ଶ୍ରେଣୀର ଛାତ୍ରଙ୍କ ସହିତ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିଲେ। ରାତିରେ ଛାତ୍ର ଜଣଙ୍କ ଶୋଇବା ପରେ ଶିକ୍ଷକ ଅନିଲ ତାଙ୍କ ରୁମକୁ ଆସି ଏପରି କାଣ୍ଡ ଭିଆଇ ଥିଲେ। ପୀଡ଼ିତ ଛାତ୍ର ଜଣଙ୍କ କିଛିଦିନ ହେବ ମାନସିକ ଚାପରେ ରହୁଥିବାରୁ ସହପାଠୀ ଓ ସିନିଅର ଛାତ୍ରମାନେ ତାଙ୍କୁ ପଚାରିଥିଲେ। ଏହାପରେ ଯାଇ ପୁରା କଥା ପଦାକୁ ଆସିଥିଲା। ଏହି ମାମଲାରେ ପୀଡ଼ିତ ନାବାଳକ ହୋଇଥିବାରୁ ଘଟଣାରେ ହସ୍ତକ୍ଷେପ କରିଛନ୍ତି ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ। ନିଜ ଆଡୁ ମାମଲା ରୁଜୁ କରିବା ସହିତ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଓ ଖଣ୍ଡଗିରି ଥାନା ଅଧିକାରୀଙ୍କୁ ରିପୋର୍ଟ ତଲବ କରିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୀଡ଼ିତ ନାବାଳକଙ୍କ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟାବସ୍ଥା, ପାରିବାରିକ ସ୍ଥିତି, ଶିକ୍ଷା ସମ୍ବନ୍ଧୀୟ ତଥ୍ୟ ଓ ତାଙ୍କର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ସବିଶେଷ ବିବରଣୀ ଦେବାକୁ କହିଛନ୍ତି। ସେପଟେ ଗତକାଲି ଏହି ଘଟଣା ପଦାକୁ ଆସିବା ପରେ ଅଲୋଡ଼ନ ସୃଷ୍ଟି ହୋଇଛି। ଘଟଣା ଜଣାପଡ଼ିବା ପରେ ସମ୍ପୃକ୍ତ ଶିକ୍ଷକ ଚତୁରତାର ସହିତ ଫେରାର ହୋଇ ଯାଇଛନ୍ତି। ଅନ୍ୟତ୍ର ଚାକିରି କରିବା ଆଳରେ ଇସ୍ତଫା ଦେଇ ଚାଲି ଯାଇଛନ୍ତି। ଅଭିଯୋଗ ଆସିବା ପରେ ମଧ୍ୟ ସମ୍ପୃକ୍ତ ଶିକ୍ଷକଙ୍କୁ ଯିବାକୁ ଦେଇଥିବା କର୍ତ୍ତୃପକ୍ଷଙ୍କ ଉପରକୁ ଅଙ୍ଗୁଳି ଉଠିଛି। କର୍ତ୍ତୃପକ୍ଷ ମଧ୍ୟ ଯୌନ କେନେଙ୍କାରୀରେ ସାମିଲ୍ ଥିବା ପରୋକ୍ଷରେ ସ୍ପଷ୍ଟ ହୋଇଛି।

## ଠାକୁର ଗୋଖିବାବା ମକର ମେଳା ପ୍ରସ୍ତୁତି ବୈଠକ



ଭୁବନେଶ୍ୱର, ୬।୧୨(ସମିସ): ଶ୍ରୀଶ୍ରୀ ଠାକୁର ଗୋଖିବାବାଙ୍କ ମକର ମେଳା ସୁନ୍ଦରପଦା ଗ୍ରାମରେ ପ୍ରତିବର୍ଷ ଭଳି ଏଥର ମଧ୍ୟ ୧୧ ଦିନ ଧରି ପାଳନ କରାଯିବ। ଆସନ୍ତା ଜାନୁଆରୀ ୧୩ ଠାରୁ ୨୪ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ପ୍ରଥମ ସନ୍ଧ୍ୟାରେ ଭଜନ, ଦ୍ୱିତୀୟ ଦିନ ଭୋରୁ ବାବାଙ୍କ ଗାଦି ପୂଜା ଓ କଳସ ଯାତ୍ରା ଅନୁଷ୍ଠିତ ହୋଇ ମକର ନାମସଂକୀର୍ତ୍ତନ ମଣ୍ଡଳୀ ଅଞ୍ଚଳବାସୀ ମାନସିକ ପୂଜାର୍ଚ୍ଚନା କରିବେ। ସେହିପରି ଗୋଖିବାବା କ୍ଲବ୍‌ର କର୍ମକର୍ତ୍ତାଙ୍କ ଦ୍ୱାରା ୨ ଦିନ ଧରି ଡ୍ରାମା ପରିବେଷଣ ହେବ। ପ୍ରଫୁଲ୍ଲ କୁମାର ନାୟକଙ୍କ ସହଯୋଗରେ ୭ଦିନିଆ ପ୍ରବଚନ କାର୍ଯ୍ୟକ୍ରମ କରାଯିବ। କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରୁ ସାଧୁ ସନ୍ଥ ଯୋଗଦାନ କରିବା ସହିତ ସେମାନଙ୍କୁ ସମ୍ମାନିତ କରାଯିବ। କାର୍ଯ୍ୟକ୍ରମ ପାଇଁ ଗୋଖିବାବାଙ୍କ ସାନ୍ନିଧ ଲାଭ କରିଥିବା ବ୍ୟକ୍ତି ବିଶେଷ ଲକ୍ଷାଧିକ ଟଙ୍କାର ବିଭିନ୍ନ ସାମଗ୍ରୀ ଯୋଗାଇ ଦେଉଥିବା ବେଳେ ଦେବୀ ପ୍ରସାଦ ନନ୍ଦ ଏ ବାବାଦୀୟ ଅବଶିଷ୍ଟ ଖର୍ଚ୍ଚ ବହନ କରିବାକୁ ପ୍ରକାଶ କରିଛନ୍ତି। ଅର୍ଜୁନ ଚରଣ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସମ୍ପାଦକ ବିଶ୍ୱଜିତ ମଙ୍ଗରାଜ, ପୂର୍ବତନ ସଭାପତି ମହେନ୍ଦ୍ର କୁମାର ନନ୍ଦ, ନୀଳମଣି ମିଶ୍ର, ଦେବୀପ୍ରସାଦ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ।

## ନନ୍ଦନକାନନରେ ୨ଦିନରେ ୩ଜନ୍ତୁ ମୃତ

ନନ୍ଦନକାନନ, ୬।୧୨(ସମିସ): ଏଇ କିଛିଦିନ ଭିତରେ ନନ୍ଦନକାନନ ପ୍ରାଣୀଉଦ୍ୟାନରେ ଜୀବଜନ୍ତୁଙ୍କ ମୃତ୍ୟୁ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଲକ୍ଷ୍ମୀ ପେଚାର ମୃତ୍ୟୁ ହୋଇଥିବାବେଳେ ଏହାର କିଛି ଘଣ୍ଟାରେ ପୁଣି ଶୁକ୍ରବାର ମାଇ ଚଉଶିଙ୍ଗା ହରିଣ ସହ ଗୋଟିଏ ପେଚାର ମୃତ୍ୟୁ ଘଟିଛି। ଅସୁସ୍ଥ ହରିଣଟି ଖୁଆଡ଼ରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସିଟି ଫରେଷ୍ଟ ଡିଭିଜନରୁ ଉଦ୍ଧାର ହୋଇ ଆସିଥିବା ୫ଲକ୍ଷ୍ମୀ ପେଚାଙ୍କ ମଧ୍ୟରୁ ଗୁରୁବାର ଓ ଶୁକ୍ରବାର ଗୋଟିଏ ଲେଖାଏଁ ପେଚାର ମୃତ୍ୟୁ ଘଟିଛି ବୋଲି ଜନ୍ତୁ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ସାଲିଆ ସାହିରେ ଯୁବକଙ୍କୁ ହତ୍ୟା!

ଭୁବନେଶ୍ୱର, ୬।୧୨(ସମିସ): ସାଲିଆ ସାହି ସ୍ୱାଧୀନ ନଗର ଅଞ୍ଚଳରେ ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ରୁଦ୍ରମଣି ଡାକୁଆ। ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକ ଅଭିଯୋଗ କରିଛନ୍ତି। ମୈତ୍ରୀ ବିହାର ଥାନା ପୁଲିସ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି। ଅଭିଯୋଗ ଅନୁଯାୟୀ, ସ୍ୱାଧୀନ ନଗରରେ ରହୁଥିବା ରୁଦ୍ର ରାଜଧାନୀର ଏକ ସୋରୁମରେ ଚାକିରି କରୁଥିଲେ। ଶୁକ୍ରବାର ଦରମା ଟଙ୍କା ଆଣି ଘରକୁ ଫେରିଥିଲେ। ସେଥିରୁ ଏକ ହଜାର ଟଙ୍କା ମାମୁଙ୍କୁ ଦେଇଥିଲେ। ଟଙ୍କା ଓ ଅନ୍ୟାନ୍ୟ କାରଣକୁ ନେଇ ସାଙ୍ଗସାଥୀଙ୍କ ସହିତ ଝଗଡ଼ା ହୋଇଥିଲା। ଏହାର କିଛି ସମୟ ପରେ ଘର ଭିତରୁ ସ୍ୱାଧୀନଙ୍କ ଝୁଲନ୍ତା ମୃତଦେହ ମିଳିଥିଲା। ପଡ଼ୋଶୀମାନେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ତେବେ ସ୍ୱାଧୀନଙ୍କ ମୃତଦେହ ମିଳିବା ସମୟରେ ଘରର କବାଟ ଖୋଲା ଥିବାରୁ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସ୍ୱାଧୀନଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରାଯାଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ମୈତ୍ରୀ ବିହାର ଥାନା ପୁଲିସ ୨ ଜଣଙ୍କୁ ଥାନାକୁ ଉଠାଇ ଆଣି ପଚରାଉଚରା କରୁଛି।

**ସାଙ୍ଗସାଥୀଙ୍କ ସହିତ ହୋଇଥିଲା ଝଗଡ଼ା**

**ଦୁଇ ଅଟକ ଯୁବକଙ୍କୁ ପଚରାଉଚରା**

### ପରିବେଶ ପାଇଁ ଶୁଭ ଚିନ୍ତା

## ବିବାହ ଉପହାରରେ 'ଗଛ'



ଭୁବନେଶ୍ୱର, ୬।୧୨(ସମିସ): ସମୟ ସହ ବଦଳୁଛି ଲୋକଙ୍କ ରୁଚି। ଆଜିକାଲି ପରିବେଶକୁ ନେଇ ସମସ୍ତେ ଚିନ୍ତିତ। ସେଥିପାଇଁ ବିଭିନ୍ନ ଶୁଭ ଦିନରେ ଲୋକେ ଦେଉଥିବା ଉପହାରକୁ ନେଇ ମଧ୍ୟ ନୂଆ ଚିନ୍ତା କଲେଣି। ଗଛ ଲଗାଇବା ଓ ଉପହାରରେ ଗଛ ଦେବାକୁ ପସନ୍ଦ କଲେଣି। ପୂର୍ବରୁ ଯେଉଁଠି ଉପହାର ପାଇଁ ଲୋକେ ବୁକେ, ବିଭିନ୍ନ ସାଜସଜ୍ଜା ଉପକରଣ ଆଦି ବାଛୁଥିଲେ, ତା' ବଦଳରେ ଆଜି ହାତରେ ଗଛଟିଏ ଦେଖିବାକୁ ମିଳୁଛି। ଯାହା ଏବେ ଧୀରେ ଧୀରେ ଟ୍ରେଣ୍ଡରେ ପରିଣତ ହେଲାଣି। ବର୍ତ୍ତମାନ ଏହି ଟ୍ରେଣ୍ଡ ରାଜଧାନୀରେ ଅଧିକ ଦେଖିବାକୁ ମିଳୁଛି। କେବଳ ଶୁଭଦିନ ତଥା ବାହାଘର, ବ୍ରତଘର, ଜନ୍ମଦିନରେ ଗଛ ଉପହାର ଦେଉ ନାହାନ୍ତି ବରଂ ବିଭିନ୍ନ ସଭା ସମିତିରେ ମଧ୍ୟ ସମ୍ମାନିତ କରାଯାଉଥିବା ବ୍ୟକ୍ତିଙ୍କୁ ଗଛ ଦିଆଯାଉଛି। ବିଭିନ୍ନ ନର୍ସରୀରେ ମିଳୁଥିବା ଇନ୍‌ଡୋର ପ୍ଲାଣ୍ଟକୁ ହିଁ ଉପହାର ଆକାରରେ ଦିଆଯାଉଛି।

ବର୍ତ୍ତମାନ ବିବାହ ଋତୁ ଚାଲିଥିବାରୁ, ଏହିଭଳି ଗଛ କିଣିବା ପାଇଁ ନର୍ସରୀଗୁଡ଼ିକରେ ଅଧିକ ଭିଡ଼ ପରିଲକ୍ଷିତ ହେଉଛି। ଘରକୁ ଶାନ୍ତି ଓ ଧନର ପ୍ରତୀକ ଭାବେ ଜଣାଥିବା ଗଛକୁ ଲୋକ ଉପହାରରେ ଦେବାକୁ ବେଶୀ ପସନ୍ଦ କରୁଛନ୍ତି ବୋଲି ଫ୍ଲୋରିଷ୍ଟ ନର୍ସରୀରେ ଥିବା କର୍ମଚାରୀ କହିଛନ୍ତି। କେବଳ ସେତିକି ନୁହେଁ, ଗଛକୁ ଉପହାର ଦେବାପାଇଁ ଲୋକ ପୂର୍ବରୁ ଅର୍ଡର ଦେଇ କଷ୍ଟୋମାଇଜ କରି ନେଉଛନ୍ତି। ସେଥିମଧ୍ୟରେ ପାଥୋସ୍, ଏରିକା ପାମ୍, ପିସ୍ ଲିଲି, ଗାରବେନା ଡେଜି, ୱିପିଙ୍ଗ ଫିଗ୍, ଏଲିଫ୍ୟାଣ୍ଟ ବଶ ଏବଂ ଲକି ବାମ୍ବୋ ଇତ୍ୟାଦି। ଯାହାର ମୂଲ୍ୟ ୫୦ ଟଙ୍କାରୁ ଆରମ୍ଭ ହୋଇ ହଜାରେ ଓ ୧୫ ଶହ ପର୍ଯ୍ୟନ୍ତ ରହିଛି। ଏହି ଗଛ ସବୁ ଛୋଟ ଏବଂ ଉପହାରରେ ନେବା ପାଇଁ ସୁବିଧା ଓ ରକ୍ଷଣାବେକ୍ଷଣ ମଧ୍ୟ ସହଜ। ଖାଲି ଗଛ ନୁହେଁ ବିଭିନ୍ନ ଡିଜାଇନ୍‌ର କୁଣ୍ଡ ବି ଦେଉଛନ୍ତି। ବଜାରରେ ସେରାମିକ, କାଠର ବିଭିନ୍ନ ଆକୃତି ଯଥା - ଫୁଲ, ଫଳ, ପ୍ରାଣୀ ଓ ଟ୍ରେନ୍ ଆକୃତିର କୁଣ୍ଡ, ଫାଇବର, ଟେରାକୋଟା ଡିଜାଇନ ଆଦି ବହୁତ ଭିନ୍ନତାର କୁଣ୍ଡ ମିଳୁଛି। ଯାହାକି ଗଛମାନଙ୍କୁ ଅଧିକ ଆକର୍ଷଣୀୟ କରୁଛି। ଏହାର ଦାମ ବି ୧୨୦ରୁ ହଜାରେ ପର୍ଯ୍ୟନ୍ତ ରହିଛି। ତଥାପି ଲୋକ କିଣିବାକୁ ପଛାଉ ନାହାନ୍ତି। ବିଶେଷକରି ବିବାହ ଋତୁରେ ଉପହାର ପାଇଁ ଦିନକୁ ପାଖାପାଖି ୫ରୁ ୬ଟି ଅର୍ଡର ଆସୁଛି ବୋଲି ଦୋକାନୀ କହିଥିଲେ।

**ମତାମତ**

ଗଛ କେବଳ ପରିବେଶ ପାଇଁ ସଚେତନତା ସୃଷ୍ଟି କରି ନଥାଏ ବରଂ ଘରକୁ ଶାନ୍ତି ଓ ଧନର ପ୍ରତୀକ ବୋଲି ମଧ୍ୟ କୁହାଯାଏ। ତେଣୁ ମୁଁ ଅଲଗା କିଛି ଉପହାରରେ ନଦେଇ ଗଛକୁ ହିଁ ବାଛିଛି।

- ସସ୍ମିତା ଦାସ, ୟୁନିଟ୍-୩

ବର୍ତ୍ତମାନ ସମୟରେ ପରିବେଶର ସ୍ଥିତିକୁ ଦେଖି ଗଛର ଆବଶ୍ୟକତା ଏବଂ ସେଥିପ୍ରତି ଯତ୍ନଶୀଳ ହେବା ନିହାତି ଦରକାର। ତେଣୁ ମୋର ଏକ ଅଭ୍ୟାସ କୌଣସି ଭଲ ଦିନରେ ବିବାହ, ବ୍ରତଘର କିମ୍ବା ଜନ୍ମଦିନ ଯେଉଁଠିକି ବି ଯାଏ ଉପହାରରେ ଗଛ ହିଁ ନିଏ। ମୁଁ ଗଛକୁ ଶାନ୍ତିର ପ୍ରତୀକ ବୋଲି ଭାବିଥାଏ।

- ଅଭିପ୍ସା ରାଉତ

### ଶୋଇଛି କମିସନରେଟ୍ ପୁଲିସ

# ଅସୁରକ୍ଷିତ ଆପାର୍ଟମେଣ୍ଟ ବାସିନ୍ଦା

ଭୁବନେଶ୍ୱର, ୬ ।୧୨(ସମିସ): କମିସନରେଟ୍ ପୁଲିସ ଏବେ ଶୋଇପଡ଼ିଛି। ଯେଉଁଥି ପାଇଁ ସହରର ଗଳି କନ୍ଦିରେ ଉତ୍ପାତ କରୁଛନ୍ତି ଲୁଟେରା। ବିଶେଷକରି ଆପାର୍ଟମେଣ୍ଟକୁ ଟାର୍ଗେଟ କରୁଛନ୍ତି। ଆପାର୍ଟମେଣ୍ଟରେ ରହୁଥିବା ଲୋକେ ଅଧିକ ଧନୀ ବୋଲି ସେମାନଙ୍କ ମନରେ ଧାରଣା ସୃଷ୍ଟି ହୋଇଥିବାରୁ ଟାର୍ଗେଟ କରୁଛନ୍ତି। ଆପାର୍ଟମେଣ୍ଟରେ ଯେଉଁ ଲୋକ ତାଲା ପକାଇ ବାହାରକୁ ଯାଉଛନ୍ତି, ସେମାନେ ସେହି ଘରେ କଳାକନା ବୁଲାଉଛନ୍ତି। ଗତ ୪ମାସରେ ରାଜଧାନୀରେ ୪୩ଟି ଆପାର୍ଟମେଣ୍ଟରୁ ଚୋରି ହୋଇଛି। ହାତ ଗଣତି ମାମଲାରେ ପୁଲିସକୁ ସଫଳତା ମିଳିଥିବାବେଳେ ବାକି ମାମଲାରେ ପୁଲିସ ଫେଲ୍ ମାରିଛି। ପୁଲିସ କେବଳ ହ୍ୱାଟ୍ସଆପ୍‌ରେ ଲୋକଙ୍କୁ ସଚେତନ କରୁଥିବାବେଳେ ଏଭଳି ଲୁଟେରାଙ୍କୁ ଧରିବା ପାଇଁ କିଛିବି ବ୍ୟବସ୍ଥା କରୁନାହାନ୍ତି।

■ ଗଳି କନ୍ଦିରେ ଉତ୍ପାତ କରୁଛନ୍ତି ଦୁର୍ବୃତ୍ତ
■ କଟୁରି, ଖଣ୍ଡା ଧରି ଆପାର୍ଟମେଣ୍ଟରେ ଲୁଟେରା
■ କେବଳ ସଚେତନତାରେ ସୀମିତ ପୁଲିସ

ଏବେ ମାରଣାସ୍ତ୍ର ଧରି ବେଧଡ଼କ ଆପାର୍ଟମେଣ୍ଟ ଭିତରେ ବୁଲୁଛନ୍ତି ଲୁଟିଆ। ଫ୍ଲାଟରୁ ଫ୍ଲାଟ ବୁଲି ଘରର କବାଟ ଖୋଲିବାକୁ ଉଦ୍ୟମ କରୁଛନ୍ତି। ଯଦି କବାଟ ଖୋଲିଲା ତାହେଲେ ଆରମ୍ଭ କଲେ ଅପରେସନ ଲୁଟ୍। ଯଦି କବାଟ ନ ଖୋଲିଲା ତାହେଲେ ଚତୁରତାର ସହ ଚମ୍ପଟ ମାରିଲେ। କିନ୍ତୁ ପୁଲିସ ଚୋର ଧରିବା ତ ଦୂରର କଥା, ଏତଲା ମଧ୍ୟ ଗ୍ରହଣ କରୁନାହିଁ ବୋଲି ଅଭିଯୋଗ ହେଉଛି। ଯାହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଆପାର୍ଟମେଣ୍ଟ ବାସିନ୍ଦା। ଲୁଟେରାମାନେ ହାତରେ ଖଣ୍ଡା କଟୁରି ଧରି ଆପାର୍ଟମେଣ୍ଟରେ ବୁଲୁଥିବା ଭିଡିଓ ଭାଇରାଲ ହୋଇଛି। ଏଭଳି ଭିଡିଓ ଦେଖି ଆପାର୍ଟମେଣ୍ଟବାସୀ ଭୟଭୀତ ହେଉଛନ୍ତି। ପାହାଳ ଅଞ୍ଚଳରେ ଲୁଟେରାମାନେ ହାତରେ ଖଣ୍ଡା, କଟୁରି ଧରି ରାତି ଅଧରେ ବୁଲୁଛନ୍ତି। ମୁଖାପିନ୍ଧା ଗୋଟିଏ ପରେ, ଗୋଟିଏ ଫ୍ଲାଟକୁ ଯାଉଛନ୍ତି ଓ କବାଟରେ କାନ ଡେରି ଶୁଣୁଛନ୍ତି ଓ ଯେଉଁଘର ବାହାରେ ତାଲା ଝୁଲୁଛି କିମ୍ବା ଭିତରୁ ଶବ୍ଦ ଶୁଭୁନି, ସେହି ଘରର କବାଟ ଖୋଲିବାକୁ ଉଦ୍ୟମ କରୁଛନ୍ତି। ସୁଯୋଗ ମିଳିଲେ ଘର ଭିତରେ ପଶି କଳାକନା ବୁଲାଇ ଦେଉଛନ୍ତି। ପାହାଳର ଏଭଳି ଏକ ଆପାର୍ଟମେଣ୍ଟରୁ ଲୁଟରେ ବିଫଳ ହେବା ପରେ ପାଖରେ ଥିବା ଆଉ ଏକ ଆପାର୍ଟମେଣ୍ଟରୁ ଏମାନେ ଲୁଟ୍ କରିଛନ୍ତି। ତେବେ ଲୁଟ ତ ହେଇନି ଥାନାକୁ କାହିଁକି ଆସିଛ ବୋଲି ପୁଲିସ କହିଥିବା ଅଭିଯୋଗ କରିଛନ୍ତି ବାସିନ୍ଦା। ସେପଟେ କିଛିଦିନ ତଳେ ପୁଲିସ କମିସନର ଏସ. ଦେବଦତ୍ତ ସିଂ ଆପାର୍ଟମେଣ୍ଟ ମାନଙ୍କରେ ସିସି କ୍ୟାମେରା ଲଗାଇବାକୁ ମଧ୍ୟ ପରାମର୍ଶ ଦେଇଥିଲେ। ଏହାର ତଥ୍ୟ କମିସନରେଟ ପୁଲିସ ନିକଟରେ ରଖିବା ସହ ସୁପର ଭିଜନ ପାଇଁ ଜଣେ ଏସିପିଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପୂର୍ବରୁ ଛକ, ବଜାର, ହସ୍ପିଟାଲ, ଷ୍ଟେସନ, ବସ୍‌ଷ୍ଟାଣ୍ଡରେ ଲାଗିଥିଲା ପୋଷ୍ଟର। ଲୁଟେରା ବା ମୋଷ୍ଟ ୱାଣ୍ଟେଡଙ୍କୁ ଚିହ୍ନଟ କଲେ ୧୦ ହଜାର ଟଙ୍କା ପୁରସ୍କାର ମିଳିବ ବୋଲି କୁହାଯାଇଥିଲା। ନିୟମିତ ବ୍ୟବଧାନରେ ଥାନାରେ ହାଜିରା ପକାଉନଥିବା ପେସାଦାର ଅପରାଧୀଙ୍କୁ ଧରିବା ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା। କିନ୍ତୁ ଏ ସବୁ ସତ୍ତ୍ୱେ ମଧ୍ୟ ଲୁଟେରା ଖୁଲାମଖୁଲା ଲୁଟିବା ଘଟଣା ପୁଲିସର ପାରିବା ପଣିଆକୁ ନେଇ ପ୍ରଶ୍ନ ଉଠାଇଛି।



ଏସ୍‌ୟୁସିଆଇ କମ୍ୟୁନିଷ୍ଟ ପକ୍ଷରୁ ସାମ୍ପ୍ରଦାୟିକ ହିଂସା ବିରୋଧୀ ଦିବସ


କେନ୍ଦୁଝରର କାନପୁର ଜଳସେଚନ ପ୍ରକଳ୍ପ ବିସ୍ଥାପିତଙ୍କ ଧାରଣା

### ଭାରତୀୟ କମ୍ୟୁନିଷ୍ଟ ପାର୍ଟିର କାର୍ଯ୍ୟକାରୀ କମିଟି ବୈଠକ

# ଦରବୃଦ୍ଧି ପ୍ରତିବାଦରେ ଆନ୍ଦୋଳନ ଆହ୍ୱାନ




ଭୁବନେଶ୍ୱର, ୬।୧୨(ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠା ଶତବାର୍ଷିକୀ ରାଜ୍ୟବ୍ୟାପୀ ୨୬ ଡିସେମ୍ବର୨୦୨୪ରୁ ୨୬ ଡିସେମ୍ବର ୨୦୨୫ପର୍ଯ୍ୟନ୍ତ ଚାଲିବ। ଏହା ଦେଶର ଜନଗଣଙ୍କ ଅଧିକାର, ଶୋଷଣରୁ ମୁକ୍ତି ପାଇଁ ଦଳର ଲୋମହର୍ଷଣକାରୀ ତ୍ୟାଗ, ମାନବୀୟ ଅଧିକାର ଏବଂ ଭିତ୍ତି ସୁଦୃଢ଼ କରିବା ପାଇଁ ଗାଁ, ବସ୍ତି, ସହର ସର୍ବ ବ୍ୟାପୀ ସଂଗଠନକୁ ମଜଭୁତ କରିବା ପାଇଁ ଚାଲୁ ରହିବ। ଏ ନେଇ ଆଜି ରାଜ୍ୟ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଥିବାବେଳେ ଆସନ୍ତା କାଲି ରାଜ୍ୟ ପରିଷଦ ବୈଠକ ବସିବ। ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଦକରଙ୍କ ସ୍ମୃତି ଦିବସ ପାଳନ ପରେ ଡ. ପ୍ରଶାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପାର୍ଟିର ରାଜ୍ୟ ସମ୍ପାଦକ କମ୍ରେଡ୍ ଆଶିଷ କାନୁନ୍‌ଗୋ ବିବରଣୀ ଉପସ୍ଥାପନ କରଥିଲେ। ଏହି ଅବସରରେ ସେ, ରାଜ୍ୟରେ ଡବଲଇଞ୍ଜିନ ସରକାର ସମସ୍ତ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧି କରି ଜନଗଣଙ୍କୁ ଦୁଇଗୁଣା ଶୋଷଣ କରୁଛନ୍ତି ବୋଲି ମତ ରଖିଥିଲେ। ଏହା ବିରୋଧରେ ଆଗାମୀ ୧୦ ତାରିଖରେ ଦେଶବ୍ୟାପୀ ପ୍ରତିବାଦ ଆନ୍ଦୋଳନ କରାଯିବ। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ସମସ୍ତ ଜିଲ୍ଲାରେ ମଧ ହେବାକୁ ଥିବା ଆନ୍ଦୋଳନ ସଫଳ କରିବାକୁ ଆହ୍ୱାନ ଦେଇଛନ୍ତି। ରାଜ୍ୟ ସହ ସମ୍ପାଦକ କ୍ଷୀରୋଦ ସିଂଦେଓ, ସମ୍ପାଦକମଣ୍ଡଳୀ ସଦସ୍ୟ ଅଶୋକ ଦାଶ, ଜୟନ୍ତ ଦାସ, ଏନ୍ ନାରାୟଣ ରେଡ୍ଡୀ, ମହେଶ୍ୱର ରାଉତ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଉପସ୍ଥିତ ରହି ଆଲୋଚନା କରିଛନ୍ତି।

# ଉପମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଲା ରାତ୍ରଜଗୁଆଳି-ପିଅନ ମହାସଂଘ

ଭୁବନେଶ୍ୱର, ୬।୧୨(ସମିସ): ଦୀର୍ଘ ୨୫ ବର୍ଷ ହେଲା କାର୍ଯ୍ୟ କରିଆସୁଥିବା ନିଖିଳ ଓଡ଼ିଶା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ରାତ୍ର ଜଗୁଆଳି-ପିଅନମାନଙ୍କ ବେତନ ବୃଦ୍ଧି କରାନଯିବା ସହ କବେୟା ଦରମା ମଧ ପ୍ରଦାନ କରାଯାଇ ନାହିଁ। ଫଳରେ ପିଲାଛୁଆ ସଂସ୍କାର ନେଇ ଆଜିର ମହଙ୍ଗା ବାଜାରରେ ଚଳିବା କଷ୍ଟକର ହେଉଥିବା ଅଭିଯୋଗ କରିଛି ରାତ୍ର ଜଗୁଆଳି-ପିଅନ ମହାସଂଘ। ସ୍ୱତନ୍ତ୍ର ଅନୁଦାନର ବ୍ୟବସ୍ଥା, କର୍ମଚାରୀମାନଙ୍କ ଇପିଏଫ୍ କାଟ, ଦୀର୍ଘଦିନ ଧରି ବକେୟା ଥିବା ଦରମା ତୁରନ୍ତ ପ୍ରଦାନ ଆଦି ଦାବି ନେଇ ଗାନ୍ଧୀ ମାର୍ଗରେ ୩୦ଟି ଜିଲ୍ଲାର ସମସ୍ତ କର୍ମଚାରୀ ରାଜ୍ୟ ଆବାହକ ଦିଗମ୍ବର ଜେନାଙ୍କ ନେତୃତ୍ୱରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସାକ୍ଷାତ କରି ୭ଦଫା ଦାବି କରିଛନ୍ତି। ବିଭାଗୀୟ କମିସନଙ୍କ ସହିତ ଆଲୋଚନା




ରାତ୍ର ଜଗୁଆଳି-ପିଅନ ଭାବରେ ପ୍ରତ୍ୟେକ ବ୍ଲକରେ କାର୍ଯ୍ୟକରି ଆସୁଥିବା ବେଳେ ସେମାନଙ୍କ ସମସ୍ୟାକୁ ସରକାର ଅଣଦେଖା କରୁଥିବା ଅଭିଯୋଗ କରି ଲୋୟର ପିଏମ୍‌ଜିରେ ଏକାଠି ହୋଇ ୭ଦଫା ଦାବି ସମ୍ବଳିତ ପତ୍ର ଦେଇଛି ସଂଘ। ବେତନ ବୃଦ୍ଧି, ନିୟମିତ ଭାବରେ ପ୍ରତି ମାସରେ ଦରମା ପ୍ରଦାନ, ସମସ୍ତ କର୍ମଚାରୀଙ୍କ ପାଇଁ କରି ବିହିତ ପ୍ରତିକାର ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏଥିରେ ସଭାପତି ପ୍ରଭାତ ରଞ୍ଜନ ମହାନ୍ତି, ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଦାସ, କୋଷାଧ୍ୟକ୍ଷ ବିଶ୍ୱନାଥ ନାଗ, ଲାବଣ୍ୟନିଧି ସାହୁ, ହେମନ୍ତ ନାୟକ, ରାଧାକାନ୍ତ ଜାଏ ଦେବରାଜ ପାତ୍ର ସୁବାଷ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ବିଭିନ୍ନ ଜିଲ୍ଲାର ପ୍ରତିନିଧିମାନେ ଯୋଗଦେଇଥିଲେ।

### ଇଟ୍‌ର ସୁବର୍ଣ୍ଣ ଜୟନ୍ତୀ ଜାତୀୟ ନାଟ୍ୟ ପର୍ବ

# ‘ନିର୍ମାଣ ସେ ନିର୍ବାଣ ତକ’ ମଞ୍ଚସ୍ଥ

ଭୁବନେଶ୍ୱର, ୬।୧୨(ସମିସ): ଇଟ୍ ନାଟ୍ୟ ସଂସ୍ଥାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ଶେଷ ସନ୍ଧ୍ୟାରେ ହିନ୍ଦୀ ନାଟକ ‘ନିର୍ମାଣ ସେ ନିର୍ବାଣ ତକ’ ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ହୋଇଛି। ଇଣ୍ଟରନ୍ୟାସନାଲ୍ ଥିଏଟର, ଭୁବନେଶ୍ୱର ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଏହି ନାଟକର ରଚନା ଡ. ବିଜୟ ମିଶ୍ର କରିଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ନିର୍ଦ୍ଦେଶକ ବିପିନ କୁମାର, ଇଟ୍ ପ୍ରତିଷ୍ଠାତା ବିଜୟ ଗୁପ୍ତା ପ୍ରମୁଖ ଯୋଗ ଦେଇଥିଲେ।

ବିଜୟ ମିଶ୍ରଙ୍କ ଅତି ପରିଚିତ ନାଟକ ‘ତଟ ନିରଞ୍ଜନା’ ଉପରେ ଆଧାରିତ ଏହା ଏକ ରୂପାନ୍ତର। ଯାହା ହୁଏତ ଏକ ନଦୀର ଭିନ୍ନଭିନ୍ନ ସ୍ତର ଦେଇ ଆଗେଇଯିବାର ତତ୍ତ୍ୱକୁ, ଜୀବନର ଯୌବନ, ପ୍ରୌଢ଼ ଓ ବାର୍ଦ୍ଧକ୍ୟର ଦର୍ଶନ ଭିତ୍ତିରେ ନାଟ୍ୟରୂପ ଦିଆଯାଇଛି।



ବିପିନ କୁମାର। ‘ନିର୍ମାଣ ସେ ନିର୍ବାଣ ତକ’ ନାଟକଟି ଭାରତେନ୍ଦୁ ନାଟ୍ୟ ଏକାଡେମୀ, ଲକ୍ଷ୍ନୌ ପକ୍ଷରୁ ପରିବେଷଣ ହୋଇଥିଲା। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ନାଟ୍ୟ ନିର୍ଦ୍ଦେଶକ ଅନନ୍ତ ମହାପାତ୍ର, ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ଭାରତେନ୍ଦୁ ନାଟ୍ୟ ଏକାଡେମୀର ଆଶ୍ରମର ସନ୍ନ୍ୟାସିନୀ ଓ ସନ୍ନ୍ୟାସୀ ଇଚ୍ଛାମତି ଓ ନୀଳଲୋହିତଙ୍କ ସହ ଜୀବନର ଯୌବନ ପର୍ଯ୍ୟାୟରୁ ଚିନ୍ତାଧାରାର ପରିପକ୍ୱ ବୁଦ୍ଧତ୍ୱ ଯାଏଁ, ନାଟକ ଗତିଶୀଳ ହୋଇ ବୁଦ୍ଧଙ୍କ ନିର୍ବାଣ ପ୍ରାପ୍ତିରେ ଶେଷ ହୁଏ। ହିନ୍ଦୀ ଭାଷାରେ ରୂପାନ୍ତରିତ ‘ତଟ ନିରଞ୍ଜନା’ ନାଟକର ନାମ ‘ନିର୍ମାଣ ସେ ନିର୍ବାଣ ତକ’ ବେଶ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଦେଇଛି।

# ସରକଣା ସେବା ସମବାୟ ସମିତିର ସାଧାରଣ ସଭା



ବାଲିଅନ୍ତା, ୬।୧୨(ସମିସ): ବାଲିଅନ୍ତା ବ୍ଲକ ସରକଣା ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏନେଇ ଆୟୋଜିତ ସଭାରେ ସମିତି ସଭାପତି ସୋମନାଥ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବାର୍ଷିକ ବିବରଣୀ ପଠନ କରାଯାଇଥିଲା। ଏହା ସହିତ ୨୦୨୩ - ୨୦୨୪ ଆର୍ଥିକ ବର୍ଷର ଆୟ ବ୍ୟୟ ବିରରଣୀ ପାଠ କରାଯାଇଥିଲା। ୨୦୨୪-୨୦୨୫ ଆର୍ଥିକ ବର୍ଷର ଆୟ ବ୍ୟୟ ନେଇ ଅଟକଳ ବଜେଟ ଅନୁମୋଦନ, ସମୀକ୍ଷା ରିପୋର୍ଟ ପଠନ, ତ୍ରୁଟି ସଂଶୋଧନ ଏବଂ ଖିଲାପି ଋଣ ଆଦାୟ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ପରିଚାଳନା ପରିଷଦର ବରିଷ୍ଠ ସମବାୟବିତ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ନିରଞ୍ଜନ ସେନାପତି, ମାଗୁଣି ବେହେରା, ବସନ୍ତ ଦାସ, ବାବୁଲି ନାୟକ, ରଘୁନାଥ ପଣ୍ଡା ପ୍ରମୁଖଙ୍କ ସମେତ ରବୀନ୍ଦ୍ର ପାଣି, ଲିଙ୍ଗରାଜ ପାଣି, ଭାଗ୍ୟଧର ଜେନା, ସନାତନ ବିଶ୍ୱାଳ, ମନୋଜ କୁମାର ମହାପାତ୍ର ଏବଂ ପ୍ରଶାନ୍ତ ପରିଡ଼ା ପ୍ରମୁଖ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ସମ୍ପାଦକ ଭାଗ୍ୟଧର ମହାନ୍ତି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ବେଦାନ୍ତ ଆଲୁମିନିୟମ୍‌ର ଏଚ୍‌ଆଇଭି-ଏଡ୍‌ସ ସଚେତନତା ଅଭିଯାନ

ଭୁବନେଶ୍ୱର, ୬।୧୨(ସିମସ): ବିଶ୍ୱ ଏଡ୍‌ସ ଦିବସରେ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଏକ ସପ୍ତାହବ୍ୟାପୀ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଏହି ପଦକ୍ଷେପରେ ବେଦାନ୍ତ ସ୍ଥାନୀୟ ଗୋଷ୍ଠୀକୁ ଏଚଆଇଭି ଉପରେ ସଚେତନ ପାଇଁ ଉପଯୁକ୍ତ ମାର୍ଗ ଅନୁସରଣ କର: ମୋର ସ୍ୱାସ୍ଥ୍ୟ ମୋର ଅଧିକାର ବିଷୟ ଉପରେ ବାର୍ତ୍ତା ଦେଇଥିଲା। ଉକ୍ତ ଅଭିଯାନରେ ବେଦାନ୍ତ ଝାରସୁଗୁଡ଼ା, ଲାଞ୍ଜିଗଡ଼ ଓ ଏହାର ଖଣି ଥିବା ସ୍ଥାନରେ ୧୧,୪୦୦ରୁ ଅଧିକ ଲୋକଙ୍କୁ ନେଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ସଚେତନତା ଅଧିବେଶନ,ରାଲି, ନୁକଡ ନାଟକ ଓ ସ୍ୱାସ୍ଥ୍ୟ ଶିକ୍ଷା କାର୍ଯ୍ୟକ୍ରମ ଜରିଆରେ ଏହି ଅଭିଯାନରେ ଛାତ୍ରଛାତ୍ରୀ, ଟ୍ରକ ଡ୍ରାଇଭର,ପୋଲିସ କର୍ମଚାରୀ ଓ ସ୍ଥାନୀୟ ଲୋକମାନଙ୍କ ନିକଟରେ ପହଞ୍ଚିଥିଲା। ଝାରସୁଗୁଡ଼ା ଜିଲ୍ଲାରେ ଏନସିସି ଓ ଏନଏସଏସ କ୍ୟାଡେଟ, ବେଦାନ୍ତର କର୍ମଚାରୀ ଓ ସ୍ଥାନୀୟ ଛାତ୍ରଙ୍କ ସହିତ ୩୫୦ରୁ ଅଧିକ ଅଂଶଗ୍ରହଣକାରୀଙ୍କ ସହିତ ଜିଲ୍ଲା ମାଜିଷ୍ଟ୍ରେଟ କିଶୋର କୁମାର ସ୍ୱାଇଁଙ୍କ ଦ୍ୱାରା ବିଶ୍ୱ ଏଡସ ଦିବସରେ ସଚେତନତା ରାଲି କରାଯାଇଥିଲା।




# ୧୫ରେ ବିଜେବି ଫ୍ରେଣ୍ଡସ୍‌ର ବାର୍ଷିକ ବନ୍ଧୁମିଳନ

ଭୁବନେଶ୍ୱର, ୬।୧୨(ସମିସ): ବିଜେବି କଲେଜ ପୁରାତନ ଛାତ୍ର ସଂଘ ‘ବିଜେବି ଫ୍ରେଣ୍ଡସ୍’ର ବାର୍ଷିକ ବନ୍ଧୁ ମିଳନ ଆସନ୍ତା ୧୫ ରେ ଆୟୋଜିତ ହେବାକୁ ଯାଉଛି। ଉତ୍ସବ ପୂର୍ବରୁ ବରୁଣେଇ ପାହାଡ଼ଠାରୁ ବିଜେବି ଫ୍ରେଣ୍ଡସ୍‌ର ସଭ୍ୟମାନଙ୍କର ଏକ ମଶାଲ ଶୋଭାଯାତ୍ରା ଆସି ବିଜେବି କଲେଜ ପରିସରରେ ଥିବା ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିବ। ପରେ ମାଲ୍ୟାର୍ପଣ କରାଯିବ। ଏହି ଉତ୍ସବରେ ବିଜେବି କଲେଜର ପ୍ରାକ୍ତନ ଛାତ୍ର ତଥା ଓଡ଼ିଶା ସରକାରଙ୍କ କ୍ୟାବିନେଟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ଡେପୁଟି ଗଭର୍ଣ୍ଣର ଟି. ରବିଶଙ୍କର ପ୍ରମୁଖ ଯୋଗଦେବାର ଯୋଜନା ରହିଛି। ସେମାନଙ୍କୁ ବିଜେବି ଫ୍ରେଣ୍ଡସ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। ଏହା ସହ ସଭାରେ ବିଜେବି କଲେଜର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଗତ ନଭେମ୍ବର ୨୯ ତାରିଖରେ ସରକାରୀ ଉଚ୍ଚବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିବା କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ ସମ୍ବର୍ଦ୍ଧିତ କରାଯିବ ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ।

### ୮ ରୁ ସର୍ବଭାରତୀୟ ଗଣ୍ଡରପୁର କପ୍ ଚାମ୍ପିଅନ

# ଦୁଇ ଶ୍ରେଷ୍ଠ ଖେଳାଳିଙ୍କୁ ମିଳିବ ବୁଲେଟ୍




ନନ୍ଦନକାନନ, ୬।୧୨(ସମିସ): ଭୁବନେଶ୍ୱର ଉତ୍ତର କଲ୍ୟାଣପୁର ପଞ୍ଚାୟତ ଗଣ୍ଡରପୁର ଗ୍ରାମ ବିଜୁପଟ୍ଟନାୟକ ମିନିଷ୍ଟାଡିୟମଠାରେ ଆସନ୍ତା ୮ରୁ ୧୫ତାରିଖ ପର୍ଯ୍ୟନ୍ତ ଗଣ୍ଡରପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ସହର ଦଳରେ ରାଜ୍ୟ ବାହାରୁ ୩ଟି ଦଳ ତାମିଲନାଡୁ ପୁଲିସ, ମଣିପୁର ଓ କେମରୁନ ଭାଗନେଉଥିବାବେଳେ ୫ଟି ଦଳ ମଧ୍ୟରେ ଜଗା ୟୁନାଇଟେଡ୍, ସ୍ପୋର୍ଟ୍ସ ହଷ୍ଟେଲ, ସନରାଇଜ୍ କଟକ, ରାଉରକେଲା, ସମ୍ବଲେଶ୍ୱରୀ ସ୍ପୋର୍ଟ୍ସ ଭାଗ ନେଇଛନ୍ତି। ଏହି ମ୍ୟାଚଗୁଡ଼ିକରେ ନାଇଜେରିଆନ ଖେଳାଳିଙ୍କୁ ଦେଖିବାର ସୁଯୋଗ ମିଳିବ। ଏହି ଖେଳର ବିଶେଷ ଆକର୍ଷଣ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବିଭାଗର ଦୁଇ ସର୍ବଶ୍ରେଷ୍ଠ ଖେଳାଳିଙ୍କୁ ୨ଟି ବୁଲେଟ ଗାଡ଼ି ଦିଆଯିବ। ଦର୍ଶକଙ୍କ ପାଇଁ ମଧ ପ୍ରତ୍ୟେକ ଦିନ ଲଟେରୀ କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ ମ୍ୟାଚରେ ସହରାଞ୍ଚଳ ବିଭାଗର ଜଗା ୟୁନାଇଟେଡ୍ ଭୁବନେଶ୍ୱର ସହିତ ସ୍ପୋର୍ଟ୍ସ ହଷ୍ଟେଲ, କଟକ ମୁକାବିଲା ହେବ। ସେହିପରି ଗ୍ରାମାଞ୍ଚଳରେ ୪୨ମୌଜା କଟକ ସହିତ ୟୁସିସି ୟୁନିଭରସିଟି ଓ ଟାଙ୍ଗିବନ୍ତ ଭୁବନେଶ୍ୱର ସହିତ ବାରାହୀପୁର ମଧରେ ମୁକାବିଲା ହେବ ବୋଲି କ୍ଲବର କ୍ରିଡା ସମ୍ପାଦକ ମାନସ ରଞ୍ଜନ ପଡ଼ିହାରୀ କହିଛନ୍ତି। ଏ ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କ୍ଲବ୍‌ର ଗ୍ରାମକମିଟି ସଭାପତି ଭାସ୍କର ପଡ଼ିହାରୀ, କୈଳାସ ଚନ୍ଦ୍ର ରାଉତ, ନକୁଳ ବେହେରା, ବସନ୍ତ ରଥ, ବିଷ୍ଣୁ ଚରଣ ପଡ଼ିଆରୀ, ଜିତେନ୍ଦ୍ର ସାସମଲ, କାବୁଲି ରାଉତ, ୟୁବରାଜ, କାଶୀନାଥ ରାଉତ ଓ ଲଛମନ ରାଉତ ଉପସ୍ଥିତଥିଲେ।

# ‘ଗ୍ୟାଙ୍ଗସ୍ ଅଫ୍ ପୁରୀ ସିଜନ୍-୨’ ର ମହୁରତ୍



ଭୁବନେଶ୍ୱର, ୬।୧୨(ସମିସ): ବହୁ ପ୍ରତୀକ୍ଷିତ ୱେବ୍‌ସିରିଜ୍ ଗ୍ୟାଙ୍ଗସ୍ ଅଫ୍ ପୁରୀର ସିଜନ୍-୨ ମହୁରତ ସିଆର୍‌ପି ଛକ ସ୍ଥିତ ହନୁମାନ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଟେକ୍ନୋଆର୍ଟ ପ୍ରଡକ୍ସନ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ନିର୍ମିତ ଏହି ସିକ୍ୱେଲର ପ୍ରିମିୟର୍ ସ୍ୱତନ୍ତ୍ର ଭାବେ ‘କଞ୍ଚା ଲଙ୍କା’ ଓଟିଟିରେ ହେବାକୁ ଯାଉଛି। ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଏହି ୱେବସିରିଜ୍ ଦ୍ୱିତୀୟ ସିଜନ୍ ‘ଗ୍ୟାଙ୍ଗସ୍ ଅଫ୍ ପୁରୀ’ର ସିଜନ୍-୧ କାହାଣୀକୁ ସମୃଦ୍ଧ କରିବ। ପ୍ରଥମ ସିଜନ୍ ପୁରୀର ଜଟିଳ ସାମାଜିକ-ରାଜନୈତିକ ଦୃଶ୍ୟପଟର ପ୍ରାମାଣିକ ଚିତ୍ରଣ ପାଇଁ ଦର୍ଶକଙ୍କ ପ୍ରଶଂସା ସାଉଁଟିଥିବା ବେଳେ ସିଜନ୍-୨ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିବ ବୋଲି ନିର୍ଦ୍ଦେଶକ ଶ୍ରୀ ପଟ୍ଟନାୟକ କହିଛନ୍ତି। ଏହାର ସୁଟିଂ ଚଳିତ ମାସ ୧୧ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨୦୨୫ ସୁଦ୍ଧା ଷ୍ଟ୍ରିମିଂ ହେବ ବୋଲି ଟେକ୍ନୋଆର୍ଟ ପ୍ରଡକ୍ସନ୍‌ର ନିର୍ଦ୍ଦେଶକ ବର୍ଷା ପଟ୍ଟନାୟକ କହିଛନ୍ତି। ଏଥିରେ ବିଭିନ୍ନ ଭୂମିକାରେ ଚୌଧୁରୀ ଜୟପ୍ରକାଶ ଦାସ, ରବି ନାରାୟଣ ମିଶ୍ର, ବାବୁ ଜେନା, ଅମନ, ହର ରଥଙ୍କ ସମେତ ଦୀପନ୍ୱିତ ଦାସମହାପାତ୍ର, ନିଶାନ୍ତ ମଜିଠିଆ, ସୋମା ହୋତା, ପ୍ରିୟମ୍ବଦା ଓ ମନ୍ମୟ ଦେଙ୍କୁ ମଧ ଦେଖିବାକୁ ମିଳିବ। ଖୁବ୍‌ଶୀଘ୍ର ଏହାର ଏକ୍ସକ୍ଲୁସିଭ୍ ପ୍ରଥମ ଲୁକ୍, ଟ୍ରେଲର୍ ରିଲିଜ୍ କରାଯିବ ବୋଲି ‘କଞ୍ଚାଲଙ୍କା’ର ଅଧ୍ୟକ୍ଷ ଅକ୍ଷୟ କୁମାର ପରିଜା କହିଛନ୍ତି।

# ‘ଜିସୋଲ’ ପକ୍ଷରୁ ଦୀପକ ସାହୁଙ୍କ ସ୍ମୃତିସଭା



ଭୁବନେଶ୍ୱର, ୬।୧୨(ସମିସ): ୪ ନଂ ୱାର୍ଡର ଯୁବ ସଂଗଠକ ତଥା ସମାଜସେବୀ ଦୀପକ କୁମାର ସାହୁଙ୍କ ଅକାଳ ବିୟୋଗରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସାମାଜିକ ଅନୁଷ୍ଠାନ ଜିସୋଲ ପକ୍ଷରୁ ଏହି ସ୍ମୃତି ସଭାର ଆୟୋଜନ କରାଯାଇଥିଲା। ଏଥିରେ ଅତିଥିଭାବେ ବିଧାୟକ ସୁଶାନ୍ତ କୁମାର ରାଉତ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, କର୍ପୋରେଟର ସୁକୁମାର ସାହୁ, ସ୍ୱାକ୍ଷର ରଞ୍ଜନ ମହାନ୍ତି ଯୋଗ ଦେଇଥିଲେ। ଦୀପକ ଜଣେ ଉଦୀୟମାନ ଯୁବକ ଭାବରେ ଏହି ୱାର୍ଡର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଯେଭଳି ଯୋଡ଼ି ହୋଇଥିଲେ ତାହା ସମସ୍ତଙ୍କ ପାଇଁ ପ୍ରେରଣା ବୋଲି ଅତିଥିମାନେ କହିଥିଲେ। ଜିସୋଲ ସଭାପତି ଗଣେଶ ଖଟୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ସମ୍ପାଦକ ନିହାର ରଞ୍ଜନ ପଣ୍ଡା ବେଦପାଠ କରିଥିଲେ। ଏହି ଅବସରରେ ‘ଅଲିଭା ଦୀପ’ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିସୋଲର ପୂର୍ବତନ ସଭାପତି ବ୍ରହ୍ମାନନ୍ଦ ପଣ୍ଡା, ଆବାହକ ଦୀପ୍ତିରଞ୍ଜନ ପଣ୍ଡା, ନହରକଣ୍ଟା ସରସ୍ୱତୀ ଶିଶୁ ମନ୍ଦିରର ସମ୍ପାଦକ ସୁରେନ୍ଦ୍ର କୁମାର ଖୁଣ୍ଟିଆ, ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ଆଇନଜୀବୀ ମିତ୍ରଭାନୁ ମହାପାତ୍ର, ଜୟଦେବ କ୍ରୀଡ଼ା ଆସୋସିଏସନ୍ ସଭାପତି ଶରତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଚିନ୍ମୟୀ ଚାନ୍ଦଙ୍କ ‘ଅଭିସାରିକା’ ଉନ୍ମୋଚିତ



ଭୁବନେଶ୍ୱର, ୬।୧୨(ସମିସ): ଚିନ୍ମୟୀ ଚାନ୍ଦଙ୍କ ଅନନ୍ୟ ପ୍ରେମ କବିତା ସଂକଳନ ‘ଅଭିସାରିକା’ ଶୁକ୍ରବାର ଉନ୍ମୋଚିତ ହୋଇଯାଇଛି। ଚିନ୍ମୟୀ ଚାନ୍ଦ ଓଡ଼ିଆ ସାହିତ୍ୟରେ ତାଙ୍କର ସୃଜନାତ୍ମକ ରଚନା ଦ୍ୱାରା ବେଶ ଜଣାଶୁଣା। ଜୟଦେବ ଭବନ ପରିସରରେ କଳ୍ପନା ସାହିତ୍ୟ, ସଂସ୍କୃତି ଓ ସାମାଜିକ ପରିଷଦର ୨୪ତମ ବାର୍ଷିକ ଉତ୍ସବ ଅବସରରେ ବିଶିଷ୍ଟ ଅତିଥିଙ୍କ ଦ୍ୱାରା ପୁସ୍ତକଟି ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପ୍ରତିଷ୍ଠିତ ଭାଷାତତ୍ତ୍ୱବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ଏସ୍‌ସିବି ମେଡିକାଲ କଲେଜର ସ୍ନାୟୁଶଲ୍ୟ ବିଶେଷଜ୍ଞ ତଥା ସାହିତ୍ୟିକ ଡ. ରବି ନାରାୟଣ ପଣ୍ଡା, କେଶବ ଚନ୍ଦ୍ର ରାଉତ, ଶିକ୍ଷାବିତ୍ ତଥା ନାଟ୍ୟକାର ପର୍ଶୁରାମ ପଣ୍ଡା, ବିଶିଷ୍ଟ ଶିକ୍ଷାବିତ୍ ଶଶଧର ପଣ୍ଡା, ହରିହର କାନୁନ୍‌ଗୋ ଏବଂ ଅନୁଷ୍ଠାନର ସମ୍ପାଦକ ଗୋପାଳ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ସାହିତ୍ୟ ପ୍ରେମୀ, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଏବଂ ସାଧାରଣ ପାଠକ ଯୋଗ ଦେଇଥିଲେ।

# ‘ଗାନ୍ଧୀ-ଲୋହିଆ ଓ ଆମ୍ବେଦକର: କେତେ ଭିନ୍ନ କେତେ ସମାନ’ ଲୋକାର୍ପିତ



ଭୁବନେଶ୍ୱର, ୬।୧୨(ସମିସ): ଲୋହିଆ ଏକାଡେମୀ ପ୍ରକାଶନ ପକ୍ଷରୁ ସମ୍ବିଧାନ ପ୍ରଣେତା ଡ. ବାବାସାହେବ ଆମ୍ବେଦକରଙ୍କ ସ୍ମୃତି ଦିବସ ଅବସରରେ ‘ଗାନ୍ଧୀ- ଲୋହିଆ ଓ ଆମ୍ବେଦକର: କେତେ ଭିନ୍ନ କେତେ ସମାନ’ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଲୋହିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟ ଅଧ୍ୟକ୍ଷତା କରିଥିଲେ। ଆମ ଦେଶରେ ଫାସିବାଦୀ ଶକ୍ତିର ଉତ୍‌ଥାନ, ହିଂସା ଓ ଘୃଣାମୁଖୀ ସାମ୍ପ୍ରଦାୟିକ ରାଜନୀତିର ଅଭିବୃଦ୍ଧି ସାଙ୍ଗକୁ ଅସମାନତା ପରି ରାଷ୍ଟ୍ରୀୟ ସଙ୍କଟର ନିରାକରଣ ପାଇଁ ମହାତ୍ମା ଗାନ୍ଧୀ ଓ ଡ. ଆମ୍ବେଦକରଙ୍କ ପ୍ରାସଙ୍ଗିକତାକୁ ସମଦୃଷ୍ଟିରେ ଦେଖିବାକୁ ଏକ ପ୍ରୟାସର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପୁସ୍ତିକାରେ ସମାଜବାଦୀ ଚିନ୍ତକ କିସନ ପଟ୍ଟନାୟକ, ସମାଜବିଜ୍ଞାନୀ ସୁପ୍ରିୟା ମଲ୍ଲିକ, ପ୍ରଫେସର ଧନେଶ୍ୱର ସାହୁ, ବିଶିଷ୍ଟ ଐତିହାସିକ ରାମଚନ୍ଦ୍ର ଗୁହା, ଗ୍ରୀନ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା ପ୍ରମୁଖଙ୍କର ଆଲେଖ୍ୟଗୁଡ଼ିକ ରହିଛି। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ପ୍ରଫେସର ବୀରେନ୍ଦ୍ର ନାୟକ, ପ୍ରଫେସର ନୀଳମଣି ସାହୁ, ମହେନ୍ଦ୍ର ପରିଡ଼ା, ବିଜୟ ଉପାଧ୍ୟାୟ, ବ୍ରଜ କିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଯ୍ୟାମୀ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଫୁଲପୋଖରୀରେ କୁରାଳ ପଞ୍ଚମୀ

ନନ୍ଦନକାନନ, ୬।୧୨(ସମିସ): ବାରଙ୍ଗ ବ୍ଲକ ଫୁଲପୋଖରୀ ଗ୍ରାମର କୁମ୍ଭକାରଙ୍କର କୁରାଳ ପଞ୍ଚମୀ ଓ ଓଢଣ ଷଷ୍ଠୀ ଉତ୍ସବ ଆରମ୍ଭ ହୋଇଛି। ଲକ୍ଷ୍ମୀ ନାରାୟଣଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରାଯାଇ ମଣ୍ଡପରେ କଳସ ଶୋଭାଯାତ୍ରାରେ ଆଣି କୁମ୍ଭ ସ୍ଥାପନ କରାଯିବା ପରେ ହୋମ ଯଜ୍ଞ କରାଯିବା ପରେ ବିଧି ପୂର୍ବକ ପୂଜାର୍ଚ୍ଚନା କରାଯାଉଛି। ସପ୍ତାହ ବ୍ୟାପୀ ପ୍ରତିଦିନ ସାନ୍ଧ୍ୟାରେ ପାଲା, ଦାସକାଠିଆ, କୀର୍ତ୍ତନ ଓ ଘୋଡା ନାଚ ସଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ ହେବ।

